୬
e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୪୪ ● ୩ ଅକ୍ଟୋବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-244 ● 3rd October 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୬ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଲେ ଲଭଲିନା



## ୪୪ ବର୍ଷ ପରେ ବିଜୟ

# ଭାରତୀୟ ମହିଳା ହକି ଦଳକୁ ଐତିହାସିକ ସ୍ୱର୍ଣ୍ଣ

**କାକାମିଗାହାରା : ୨।୧୦**

ଭାରତୀୟ ହକି ପାଇଁ ଏହା ଏକ ଅବିସ୍ମରଣୀୟ ଦିନ। ୧୯୮୨ ମସିହା ପରେ ମହିଳା ଦଳ ପାଇଁ ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ଏହି ବିଜୟ ସହ ଦଳ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି, ଭାରତୀୟ ମହିଳା ହକି ଟିମ୍।

କାଓ୍ୱାଶାକି ଜୋକୋ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଲାଲରେମସିଆମି ଫାଇନାଲର ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ସଲିମା ଟେଟେଙ୍କ ଅଧିନାୟକତ୍ୱ ଏବଂ ରକ୍ଷଣଭାଗ ଖେଳ (ଡିଫେନ୍ସିଭ୍ ୱାର୍କ) ଥିଲା ଅତୁଳନୀୟ। ସେ ପ୍ରକୃତ ଅର୍ଥରେ ଜଣେ ସାହସୀ ଅଧିନାୟିକା। ମ୍ୟାଚ୍ ସମୟରେ ସେ ଆହତ ହୋଇଥିଲେ ମଧ୍ୟ ପୁନର୍ବାର ଖେଳକୁ ଫେରି ଦଳକୁ ଐତିହାସିକ ବିଜୟ ଆଡ଼କୁ ନେଇଯାଇଥିଲେ। ସେଠାରେ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାରତୀୟ ପ୍ରଶଂସକଙ୍କ ଆନନ୍ଦର ସୀମା ନାହିଁ। ଭାରତୀୟଙ୍କ ପାଇଁ ଆଜିର ଦିନରେ ଏହା ଷଷ୍ଠ ସ୍ୱର୍ଣ୍ଣ ପଦକ ଏବଂ ଏପର୍ଯ୍ୟନ୍ତ ସେମାନଙ୍କ ପାଇଁ ଏହା ସବୁଠାରୁ ସଫଳ ଦିନ।

ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇଁ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ଏବଂ ଚୀନ୍ ମଧ୍ୟରେ ଜବରଦସ୍ତ



ଲଢ଼େଇ ଦେଖିବାକୁ ମିଳିଥିଲା। ଅଗଷ୍ଟ ମାସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଏସୀୟ କ୍ରୀଡ଼ା ଚାମ୍ପିଅନ୍ (ଚୀନ୍) ବିପକ୍ଷ ମ୍ୟାଚ୍‌କୁ ୨-୨ ଗୋଲ୍‌ରେ ଡ୍ର’ ରଖିବା ପରେ ଭାରତୀୟ ମହିଳା ଦଳର ଆତ୍ମବିଶ୍ୱାସ ବେଶ୍ ଉଚ୍ଚ ରହିଥିଲା। ପ୍ରଥମ କ୍ୱାର୍ଟରରେ ଭାରତୀୟ ମହିଳାମାନେ ଗୋଟିଏ ଗୋଲର ଅଗ୍ରଣୀ ହାସଲ କରିନେଇ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିଲେ। ଏପରିକି ଚୀନ୍ ପକ୍ଷରୁ ୫ଟି ପେନାଲଟି କର୍ଣ୍ଣର ଓ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍‌କୁ ବିଫଳ କରିବାରେ ସମର୍ଥ ହୋଇଥିଲା ଦଳ।

ବିଶେଷକରି ବିରତି ପରେ ଚୀନ୍ ମହିଳାମାନେ ସ୍କୋର ବରାବର କରିବା ପାଇଁ ଜୋରଦାର ପ୍ରୟାସ କରିଥିଲେ, କିନ୍ତୁ ଭାରତର ରକ୍ଷଣଭାଗ ଲଗାତାର ଚାପ ସତ୍ତ୍ୱେ ଦୃଢ଼ ରହିଥିଲା। ମ୍ୟାଚ୍‌ର ଶେଷ ପର୍ଯ୍ୟାୟରେ ହୃତ୍‌ସ୍ପନ୍ଦନ ବୃଦ୍ଧି ପାଇଥିବା ବେଳେ ଭାରତୀୟ ଗୋଲକିପର ଏକ ଗୁରୁତ୍ୱପୂର୍ଣ୍ଣ ପେନାଲ୍ଟି ଷ୍ଟ୍ରୋକ୍ ସେଭ୍ କରି ଦଳର ସାମାନ୍ୟ ଅଗ୍ରଣୀ ସ୍ଥିତିକୁ ବଜାୟ ରଖିଥିଲେ। ଶେଷ ମୁହୂର୍ତ୍ତରେ ଚୀନ୍ ନିଜ ଗୋଲକିପରଙ୍କୁ ହଟାଇ ଜଣେ ଅତିରିକ୍ତ ଆଉଟ୍‌ଫିଲ୍ଡ ଖେଳାଳିଙ୍କୁ ମଇଦାନକୁ ଓହ୍ଲାଇଥିଲା। ତଥାପି ଭାରତ ଦୃଢ଼ତାର ସହ ମୁକାବିଲା କରି ୧୯୮୨ ମସିହା ପରେ ପ୍ରଥମ ଥର ପାଇଁ ମହିଳା ହକିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। (ପୃଷ୍ଠା ୭ରେ)

### ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ : ୨।୧୦**

ଚାରି ଦଶନ୍ଧିରୁ ଅଧିକ ସମୟ ପରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ଉତ୍କୃଷ୍ଟ କ୍ରୀଡ଼ା କୌଶଳ ଓ ଦଳଗତ ପ୍ରୟାସର ଫଳ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ଦଳର ଦୃଢ଼ ସଂକଳ୍ପକୁ ପ୍ରଶଂସା କରି ଏହାକୁ ପ୍ରେରଣାଦାୟକ ବୋଲି ବର୍ଣ୍ଣନା କରିଛନ୍ତି।

ପ୍ରଧାନମନ୍ତ୍ରୀ ଦଳର ଆଗାମୀ ପ୍ରୟାସ ପାଇଁ ଶୁଭକାମନା ଜଣାଇବା ସହ ଏହି ସଫଳତା ସମଗ୍ର ଦେଶରେ ହକିର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ କରାଯାଇଥିବା ପୋଷ୍ଟରେ କୁହାଯାଇଛି, “ଭାରତୀୟ ହକି ପାଇଁ ଏହା ଏକ ଅତ୍ୟନ୍ତ ବିଶେଷ ମୁହୂର୍ତ୍ତ। ଚାରି ଦଶନ୍ଧିରୁ ଅଧିକ ସମୟ ପରେ ଏସୀୟ କ୍ରୀଡ଼ାରେ ବହୁ ପ୍ରତୀକ୍ଷିତ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳର ସଫଳତାକୁ ଦେଶବାସୀ ଉତ୍ସବର ସହ ପାଳନ କରୁଛନ୍ତି। (ପୃଷ୍ଠା ୭ରେ)

## ଏସ୍‌ଆଇଆର ପୂର୍ବରୁ

# ନୂତନ ଯୋଗ୍ୟ ଭୋଟରଙ୍କ ନାମ ଯୋଡ଼ିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ : ୨।୧୦**

ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍‌ଆଇଆର) ଶେଷ ହେବା ପରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରି ନାମ ପଞ୍ଜିକରଣ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଇସିଆଇ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ)ଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।



ଏହି ଅଭିଯାନ ମାଧ୍ୟମରେ ଏସ୍‌ଆଇଆର୍ ପୂର୍ବରୁ ଭୋଟର ତାଲିକାରେ ନାମ ଥାଇ ବର୍ତ୍ତମାନର ତାଲିକାରୁ ବାଦ ପଡ଼ିଥିବା ବ୍ୟକ୍ତିଙ୍କ ସମେତ ପ୍ରଥମ ଥର ଭୋଟ ଦେବାକୁ ଥିବା ଯୁବ ଭୋଟର, ଯେଉଁମାନେ ଏପର୍ଯ୍ୟନ୍ତ ନାମ ପଞ୍ଜିକରଣ କରିନାହାନ୍ତି, ସେମାନଙ୍କୁ ସାମିଲ କରାଯିବ। ଅକ୍ଟୋବର ୧ ତାରିଖରେ ସମସ୍ତ ସିଇଓଙ୍କ ସହ ଆୟୋଗଙ୍କ ବୈଠକ ପରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଭୋଟର ନାମ ପଞ୍ଜିକରଣ ଏକ (ପୃଷ୍ଠା ୭ରେ)

# ୧୦ ସୁଦ୍ଧା ଦିଆଯିବ ବନ୍ୟା କ୍ଷତିପୂରଣ

**ଭୁବନେଶ୍ୱର, ୨।୧୦ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୦ ତାରିଖ ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମୟ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୬୧ କୋଟି ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ଦିଆଯାଇଛି। ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ୍ୟା ସମୟରେ ଅବହେଳା ପାଇଁ ଚାନ୍ଦବାଲି ବିଡିଓ ନିଲମ୍ବିତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟାୟ ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଅକ୍ଷମଣୀୟ।

## ଆଜିର ମୁଖ୍ୟ ଖବର

- ପଞ୍ଜାବରେ ଡ୍ରଗ୍ସ-ଅସ୍ତ୍ର ଚୋରାଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାଶ, ୪ ଗିରଫ, ୧୦ କେଜି ହେରୋଇନ ଜବତ।
- ଯନ୍ତରମନ୍ତରରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳର ପ୍ରଦର୍ଶନ, ୧୧୦୦ରୁ ଅଧିକ ଅଟକ।
- ମହାରାଷ୍ଟ୍ର: ଦୁର୍ଗା ମୂର୍ତ୍ତି ନେଇ ଯାଉଥିବା ପିକ୍‌ଅପ୍ ଭିତରକୁ କଣ୍ଟେନର ଧକ୍କା, ୫ ଯୁବକଙ୍କ ମୃତ୍ୟୁ।
- କ୍ୟାପଟେନ ସ୍ମିତଙ୍କୁ ଅଶୋକ ଚକ୍ର ଦେବାକୁ ଦାବି, ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦେଓ୍ୱଡ଼ା।
- ତାଇଜରେ ଭୟଙ୍କର ସଂଘର୍ଷ ଏବଂ ମଦୀନାରେ ପାଓ୍ୱାର ଷ୍ଟେସନ ଉପରେ ଆକ୍ରମଣ।
- ଗୋଟିଏ ସପ୍ତାହରେ ବେଲୁଚିସ୍ତାନରେ ୨୧ଟି ଅପରେସନ, ୧୬ ଜଣ ପାକିସ୍ତାନୀ ସେନା ମୃତ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୨୮ (+୧୦୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୭୭୫ (+୯୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୨୭୧ (+୭୮)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

## ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା

# ରାଜ୍ୟ ସରକାର ଲୋକ ବିରୋଧୀ : ନବୀନ

**ଭୁବନେଶ୍ୱର, ୨।୧୦**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଲୋକ ବିରୋଧୀ ବୋଲି ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗାନ୍ଧି ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଏବଂ ସମାବେଶରେ (ପୃଷ୍ଠା ୭ରେ)



# ୧୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ‘ସୁଜଳ’ ଅଭିଯାନ

**ଭୁବନେଶ୍ୱର, ୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଜଳ ସଂରକ୍ଷଣ, ନିରାପଦ ପାନୀୟ ଜଳର ବ୍ୟବହାର ଏବଂ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ‘ସୁଜଳ’ ଅଭିଯାନର ଶୁଭାରମ୍ଭ କରାଯାଇଛି । ଶୁକ୍ରବାର ଭୁବନେଶ୍ୱରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି । ଅକ୍ଟୋବର ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ ।

ବିଭାଗ ଅଧୀନସ୍ଥ ୱାଟକୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। “ଜଳ ସଂରକ୍ଷଣ—ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ” ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ ।

ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ “ଦୂଷିତ ଜଳ ବିଭିନ୍ନ ରୋଗର କାରଣ” ବାର୍ତ୍ତା ପ୍ରଚାର କରାଯିବ। ଦୂଷିତ ଜଳ ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଟାଇଫଏଡ୍ ଓ ଜଣ୍ଡିସ୍ ଭଳି ରୋଗ ହେବାର ଆଶଙ୍କା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ପାନୀୟ ଜଳକୁ ପରିଷ୍କାର ଓ ଘୋଡଣି ଯୁକ୍ତ ପାତ୍ରରେ (ପୃଷ୍ଠା ୭ରେ)

# ୪ରୁ ଓମ୍‌ଫେଡ ଦୁଗ୍ଧ ଦର ବୃଦ୍ଧି

**ଭୁବନେଶ୍ୱର, ୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୪ ତାରିଖରୁ ଦୁଗ୍ଧ ଦର ବୃଦ୍ଧି କରିବ ଓମ୍‌ଫେଡ୍ । ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ହୋଇ ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ହେବ ୫୮ ଟଙ୍କା । ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୨ ଟଙ୍କା ବୃଦ୍ଧି ହେବ । ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ । ଲିଟର ୫୮ ଟଙ୍କାରୁ ବୃଦ୍ଧି ପାଇ ହେବ ୬୦ ଟଙ୍କା ।

ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୧ ଟଙ୍କା ବୃଦ୍ଧି, ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହୋଇ ଲିଟର ୬୪ ଟଙ୍କାରୁ ବୃଦ୍ଧି ପାଇ ହେବ ୬୬ ଟଙ୍କା ହେବ। ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୧ ଟଙ୍କା ବୃଦ୍ଧି ହେବ ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ୍‌ରେ କଥା ହେଲେ ସ୍ମିତ

**ନୂଆଦିଲ୍ଲୀ : ୨।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମଚ୍ଛାରଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ତାଙ୍କ ସାହସ ଏବଂ କୁଶଳତାକୁ ପ୍ରଶଂସା କରିଥିଲେ। ବାର୍ତ୍ତାଳାପ ସମୟରେ କ୍ୟାପଟେନ ମଚ୍ଛାର ପ୍ରଧାନମନ୍ତ୍ରୀଙ୍କୁ ବିମାନର କକପିଟରେ ଘଟିଥିବା ଭୟଙ୍କର ଘଟଣା ବିଷୟରେ ସୂଚନା ଦେଇଥିଲେ। ଏହି ସମୟରେ ସେ ଭାବବିହ୍ୱଳ (ପୃଷ୍ଠା ୭ରେ)






# ଯୁଦ୍ଧ ଉତ୍ତେଜନା ବଢ଼ାଉଛି ଆମେରିକା

**ୱାଶିଂଟନ : ୨।୧୦**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ନଭେମ୍ବର ୩ ତାରିଖ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ଉପରେ ସମ୍ଭାବ୍ୟ ନୂତନ ଆକ୍ରମଣ ନେଇ ଚେତାବନୀ ଦେବା ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା ବଢ଼ିଯାଇଛି। ଆମେରିକା ପକ୍ଷରୁ ମଧ୍ୟପ୍ରାଚ୍ୟରେ ତୃତୀୟ ବିମାନବାହୀ ଯୁଦ୍ଧପୋତ (ଏୟାରକ୍ରାଫ୍ଟ କ୍ୟାରିୟର) ସହ ଅତିରିକ୍ତ ୧୦,୦୦୦ ସୈନ୍ୟ ମୁତୟନ କରାଯାଉଛି।

‘ୟୁଏସ୍‌ଏସ୍ ଥିଓଡୋର ରୁଜଭେଲ୍ଟ’ ଯୁଦ୍ଧପୋତ ଏହାର ଷ୍ଟ୍ରାଇକ୍ ଗ୍ରୁପ୍ ସୈନ୍ୟମାନଙ୍କୁ ନେଇ ନଭେମ୍ବର ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବ। ବର୍ତ୍ତମାନ ଏହି ଅଞ୍ଚଳରେ ଅନ୍ୟ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସବୁତ ବଢୁଛି କ୍ଷୀର ବି ବଢିବ
ସେଥିରେ ଆଉ କି ଅଛି
ସବୁ ମିଳିମିଶି ଜନତାକୁ
ଭଲଭାବେ ଦିଅ ଚାଁଛି
ଟଙ୍କାଟାଏ ଗଲେ ବଞ୍ଚି
ଦିହ ସହେ ନାହିଁ କାହାର ଏଇଠି
ନେଇଯାଅ ତାକୁ କେଞ୍ଚି।

# ଦ୍ୱିତୀୟ ସପ୍ତାହରେ ପୁଣି ଲଘୁଚାପ : ଦଶହରାରେ ଭିଜିବ ଓଡ଼ିଶା !



**ଭୁବନେଶ୍ୱର, ୨।୧୦**
**ନ୍ୟୁଜ୍ ବ୍ୟୁରୋ**

ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଆଣ୍ଡାମାନ ସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ପାଣିପାଗ ବିଭାଗ ବିସ୍ତାରିତ ରିପୋର୍ଟରେ ଦର୍ଶାଯାଇଛି ଯେ ଅକ୍ଟୋବର ୧୨ରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୧୩ ତାରିଖରେ ତାହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ୧୫ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ। ସମ୍ଭାବ୍ୟ ଅବପାତ ପ୍ରଭାବ ଓଡ଼ିଶା ଉପରେ କେତେ ଦୂର ରହିବ, ଗତିପଥ କ’ଣ ରହିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋରଧା ଏବଂ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ। (ପୃଷ୍ଠା ୭ରେ)

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ ଉପରେ ପୁଟିନଙ୍କ ବିଶ୍ୱାସ

**ମସ୍କୋ : ୨।୧୦**

ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପୁଟିନ କହିଛନ୍ତି ଯେ ମୋଦୀ ନିରନ୍ତର ଭାବରେ ସଂଘର୍ଷ ସମାପ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି ଏବଂ ଉଭୟ ପକ୍ଷ ପାଇଁ ଗ୍ରହଣୀୟ ସମାଧାନ ଖୋଜିବା ପାଇଁ ତାଙ୍କର ‘ଅତ୍ୟନ୍ତ ଭଲ ଚିନ୍ତାଧାରା’ ଅଛି। ପୁଟିନ ଏହି ଟିପ୍ପଣୀ ବଲଦାଇ ଆଲୋଚନା କ୍ଲବର ୨୩ତମ ବାର୍ଷିକ ବୈଠକର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରି ପୁଟିନ ଏହି ମନ୍ତବ୍ୟ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଋଷ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସତ୍ତ୍ୱେ, ଭାରତୀୟ ପ୍ରଧାନମନ୍ତ୍ରୀ ନିରନ୍ତର ଭାବରେ ୟୁକ୍ରେନ ବିବାଦ ସମାପ୍ତ କରିବାର ପ୍ରସଙ୍ଗ ଉଠାଇଛନ୍ତି। ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀଙ୍କ ଇଚ୍ଛା ପାଇଁ ପୁଟିନ ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ। ପୁଟିନଙ୍କ କହିବା ଅନୁସାରେ ମୋଦୀ ସଂଘର୍ଷର ଶୀଘ୍ର ସମାପ୍ତି ଏବଂ ସମସ୍ତ ପକ୍ଷଙ୍କ ପାଇଁ ଗ୍ରହଣୀୟ ସମାଧାନ ଖୋଜିବାରେ ଆଗ୍ରହୀ। ସେ ଭାରତର ସ୍ଥିତିକୁ ନିରପେକ୍ଷ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ସଂଘର୍ଷର ଅନ୍ତ ଘଟାଇବାରେ ନୂଆଦିଲ୍ଲୀର ପ୍ରକୃତ ଆଗ୍ରହ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା

# ଇଏମଆଇ କମ୍ ଜଣାପଡେ : ହେଲେ ପକେଟରୁ ଯାଏ ଅଧିକ ଟଙ୍କା

ହଠାତ୍ ଟଙ୍କାର ଆବଶ୍ୟକତା ପଡ଼ିଲେ ଆମେ ପର୍ସନାଲ୍ ଲୋନ୍ ବିଷୟରେ ଚିନ୍ତା କରିଥାଉ । କମ୍ ସମୟରେ ଟଙ୍କା ପାଇବାର ଏହା ହିଁ ଗୋଟିଏ ସହଜ ଉପାୟ ପରି ମନେହୁଏ । ବ୍ୟାଙ୍କ କିମ୍ବା NBFC କେତେ ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି, ତାହା ଦେଖି ଅନେକ ଲୋକ ତୁରନ୍ତ ଲୋନ୍ ନେଇ ଯାଆନ୍ତି । କିନ୍ତୁ ଅସଲ ଖେଳ ଲୋନର ପରିମାଣ ନୁହେଁ, ବରଂ ତାହାର ମୋଟ ଖର୍ଚ୍ଚ ଉପରେ ନିର୍ଭର କରେ । ସୁଧ, ପ୍ରୋସେସିଂ ଫି, ଲମ୍ବା ସମୟସୀମା, ବିଳମ୍ବିତ ପେମେଣ୍ଟ ଓ ପ୍ରି-ପେମେଣ୍ଟ ଚାର୍ଜ ଭଳି ସର୍ତ୍ତଗୁଡ଼ିକ ଆପଣଙ୍କ ଆର୍ଥିକ ସ୍ଥିତି ଉପରେ ବଡ଼ ପ୍ରଭାବ ପକାଇ ପାରେ । ଯଦି ଆପଣ ବି ପର୍ସନାଲ୍ ଲୋନ୍ ନେବାକୁ ଭାବୁଛନ୍ତି, ତେବେ ଏହି କେତୋଟି ଭୁଲରୁ ଦୂରେଇ ରହିବା ନିହାତି ଜରୁରୀ ... କେବଳ କମ୍ ସୁଧହାର ଦେଖି ଲୋନ୍ ନେବା :ସବୁଠାରୁ କମ୍ ସୁଧହାର ଥିବା ଲୋନ୍ ସବୁବେଳେ ଶସ୍ତା ହେବ, ତାହା ଜରୁରୀ ନୁହେଁ । ବ୍ୟାଙ୍କ କିମ୍ବା ଋଣଦାତା ସଂସ୍ଥା ପ୍ରୋସେସିଂ ଫି ଏବଂ ଅନ୍ୟାନ୍ୟ ଚାର୍ଜ ମଧ୍ୟ ନେଇ ଥାଆନ୍ତି । ତେଣୁ କେବଳ ବିଜ୍ଞାପନରେ ଦେଖିବାକୁ ମିଳୁଥିବା ସୁଧହାରକୁ ଦେଖନ୍ତୁ ନାହିଁ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ନିୟମାନୁସାରେ, ଋଣଦାତାଙ୍କୁ 'କି-ଫ୍ୟାକ୍ଟସ୍ ଷ୍ଟେଟମେଣ୍ଟ' (KFS)ରେ ଲୋନର ବାର୍ଷିକ ମୋଟ ଖର୍ଚ୍ଚ ଏବଂ ଲାଗୁ ହେଉଥିବା ସମସ୍ତ ଚାର୍ଜ ବିଷୟରେ ସୂଚନା ଦେବାକୁ ପଡ଼ିଥାଏ । ଅର୍ଥାତ୍, ଆପଣ ପର୍ସନାଲ୍ ଲୋନ୍ ନେବା ପୂର୍ବରୁ ଅଲଗା ଅଲଗା ଅଫରର ମୋଟ ଖର୍ଚ୍ଚକୁ ନିଶ୍ଚିତ ଭାବେ ତୁଳନା କରନ୍ତୁ । ଆବଶ୍ୟକତା ଠାରୁ ଅଧିକ ଟଙ୍କା ଉଧାର ନେବା :ଯଦି ବ୍ୟାଙ୍କ ଆପଣଙ୍କୁ ୮ ଲକ୍ଷ ଟଙ୍କାର ପର୍ସନାଲ୍ ଲୋନ୍ ଦେବାକୁ ପ୍ରସ୍ତୁତ ଅଛି, ତେବେ ତାହାର ଅର୍ଥ ନୁହେଁ ଯେ , ଆପଣଙ୍କୁ ପୂରା ଟଙ୍କା ନେବାକୁ ପଡ଼ିବ । ଆପଣ ଯେତେ ଅଧିକ ଟଙ୍କା ନେବେ, ସେତେ ଅଧିକ ସୁଧ ଗଣିବାକୁ ପଡ଼ିବ । ପ୍ରଥମେ ଆପଣଙ୍କ ନିଜର ଆବଶ୍ୟକତା ସ୍ଥିର କରନ୍ତୁ ଏବଂ ସେହି ଅନୁସାରେ ହିଁ ଲୋନ୍ ନିଅନ୍ତୁ । ଲମ୍ବା ସମୟସୀମା ବାଛିଲେ EMI କମ୍ ହୋଇପାରେ, କିନ୍ତୁ ଏହାର ଅର୍ଥ ଆପଣଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ସୁଧ ଦେବାକୁ ପଡ଼ିବ । କମ୍ ସମୟସୀମାରେ EMI ଅଧିକ ରହିବ ସତ, କିନ୍ତୁ ମୋଟ ସୁଧ କମ୍ ହୋଇପାରେ । ତେଣୁ କେବଳ କମ୍ EMI ଦେଖି ନିଷ୍ପତ୍ତି ନିଅନ୍ତୁ ନାହିଁ । ଯଦି ଭବିଷ୍ୟତରେ ବୋନସ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରୁ ବଡ଼ ପରିମାଣର ଟଙ୍କା ମିଳିବାର ଆଶା ଅଛି ଏବଂ ଆପଣ ଲୋନ୍ ଶୀଘ୍ର ପରିଶୋଧ କରିବାକୁ ଚାହୁଁଛନ୍ତି, ତେବେ ପୂର୍ବରୁ ପାର୍ଟ-ପେମେଣ୍ଟ ଏବଂ ଫୋରକ୍ଲୋଜର (ସମୟ ପୂର୍ବରୁ ଲୋନ୍ ବନ୍ଦ କରିବା) ନିୟମଗୁଡ଼ିକୁ ଭଲଭାବେ ବୁଝି ନିଅନ୍ତୁ । ଅଲଗା ଅଲଗା ବ୍ୟାଙ୍କ ଏବଂ ଲୋନ୍ ପ୍ରଡକ୍ଟରେ ଏହାର ଚାର୍ଜ ଓ ସର୍ତ୍ତ ଭିନ୍ନ ଭିନ୍ନ ହୋଇପାରେ । EMI ଦେବାରେ ବିଳମ୍ବ ହେବା କେବଳ ଜରିମାନା ବା Penalty ଭରିବା ଭିତରେ ସୀମିତ ରହେ ନାହିଁ । ଆପଣଙ୍କର ପରିଶୋଧ କରିବାର ଶୈଳୀ କ୍ରେଡିଟ୍ ଇନଫର୍ମେସନ୍ କମ୍ପାନୀଗୁଡ଼ିକୁ ରିପୋର୍ଟ କରାଯାଇଥାଏ । ବାରମ୍ବାର ପେମେଣ୍ଟରେ ବିଳମ୍ବ ହେଲେ ଆପଣଙ୍କ କ୍ରେଡିଟ୍ ପ୍ରୋଫାଇଲ୍ କିମ୍ବା ସ୍କୋର୍ ପ୍ରଭାବିତ ହୋଇପାରେ ଏବଂ ଭବିଷ୍ୟତରେ ଲୋନ୍ ନେବା ମହଙ୍ଗା କିମ୍ବା କଷ୍ଟକର ହୋଇପାରେ । ଇନଷ୍ଟାଣ୍ଟ ଆପ୍ରୁଭାଲ୍ ଦେଖି ଅନେକ ଋଣଦାତାଙ୍କ ପାଖରେ ଏକାସାଙ୍ଗରେ ଆବେଦନ କରିବା ସଠିକ୍ ରଣନୀତି ନୁହେଁ। ପ୍ରତ୍ୟେକ ଆବେଦନ ଉପରେ କ୍ରେଡିଟ୍ ଇନକ୍ୱାରୀ ହୋଇଥାଏ । ଏହାସହ ଏକାଧିକ EMIର ବୋଝ ଆପଣଙ୍କ ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ବିଗାଡ଼ି ଦେଇପାରେ । ଲୋନ୍ ନେବା ପୂର୍ବରୁ KFS, ସାଙ୍କସନ୍ ଲେଟର ଏବଂ ଲୋନ୍ ଏଗ୍ରିମେଣ୍ଟ ନିଶ୍ଚିତ ଭାବେ ପଢ଼ନ୍ତୁ। ସୁଧ କିମ୍ବା ମୋଟ ଖର୍ଚ୍ଚ, EMI, ପ୍ରୋସେସିଂ ଫି, ଲେଟ୍ ପେମେଣ୍ଟ ଚାର୍ଜ, ପ୍ରି-ପେମେଣ୍ଟ ଏବଂ ଫୋରକ୍ଲୋଜରର ସର୍ତ୍ତାବଳୀକୁ ଭଲଭାବେ ବୁଝନ୍ତୁ । ପର୍ସନାଲ୍ ଲୋନ୍ ନେବା କୌଣସି ଭୁଲ୍ ଆର୍ଥିକ ନିଷ୍ପତ୍ତି ନୁହେଁ । ଭୁଲ୍ ସେତେବେଳେ ହୋଇଥାଏ, ଯେତେବେଳେ ଆପଣ ଲୋନ୍ ଶେଷ ହେବା ଯାଏଁ ମୋଟ କେତେ ଟଙ୍କା ଫେରସ୍ତ କରିବାକୁ ପଡ଼ିବ ତାହା ନଭାବି, କେବଳ ହାତକୁ କେତେ ଟଙ୍କା ଆସିବ ସେତିକି ଦେଖି ଥାଆନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

---

### ଅନ୍ଧ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭକ୍ତର ଚକ୍ଷୁ ସଦା ସର୍ବଦା ଉନ୍ମୁକ୍ତ କର୍ଣ୍ଣ, ନାଶା ପାଟି ସବୁ ଉନ୍ମୁକ୍ତ କାରଣ ଶାସ୍ତ୍ର କହେ

"ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।"

ଭକ୍ତ ଭଗବାନ ଭିତରେ ଗୁରୁ ଶିଷ୍ୟ ଭିତରେ ପ୍ରଭେଦ ନଥାଏ । ଆଉ ଯେ ପ୍ରଭେଦର ପ୍ରାଚୀର ଠିଆ କରାଏ ସେହି ଅନ୍ଧ । ଆଖି ଥାଇ ନଥିଲା ପରି ତାର ପାଟି ପୁରେ କିନ୍ତୁ ପେଟ ପୁରେ ନାହିଁ । ସଦାସର୍ବଦା ସେ ତା ହୁତାସରେ କାଳାତିପାତ କରୁଥାଏ । ହନ୍ତସନ୍ତ ହେଉଥାଏ । ଏଥିରୁ ଜାଣିବ ସେହିଁ ଅଜ୍ଞାନ, ନାମ ନେଇ ଧୃତ ହୋଇଯାଇଛି । ଗୁରୁଙ୍କ ସହିତ ଭଗବାନଙ୍କ ସହିତ ଛଳନା କରୁଛି । ତେଣୁ ସେ ଭଳି ଭକ୍ତ ପାଖରୁ ସଦା ସର୍ବଦା ଦୂରେଇ ଯେତେ ରହିବ ତୁମର ସେତେ ମଙ୍ଗଳ, କାରଣ- କୁହାଳିଆ କେଭେ ଦୁହାଁଳିଆ ନୁହେଁ । ତାର ନିଷ୍ଠା ନଥାଏ, ଚରିତ୍ର ନଥାଏ, ଉପର ଦେଖାଣିଆ ଭକ୍ତ ସାଜିଥାଏ । ତାର ବ୍ୟବହାର, ଚାଲିଚଳନ ଉପରେ ସଦାସର୍ବଦା ଦୃଷ୍ଟି ନଥାଏ । ସେ କେବଳ ଅନ୍ୟକୁ ସମାଲୋଚନା କରି ଚାଲିଥାଏ । ତେଣୁ ସେ ହିଁ ଅନ୍ଧ, ତେଣୁ ଅନ୍ଧ ସହିତ ସମ୍ପର୍କ ରଖିଲେ ଯାହା ହୁଏ ତୁମର ବି ଦିନେ ନା ଦିନେ ସେଇଆ ଭୋଗିବାକୁ ପଡିଥାଏ । ତେଣୁ ତୁମେ ଶିଷ୍ୟ ହୁଅ ବା ଭକ୍ତ ହୁଅ ନିଷ୍ଠା ରଖ ପ୍ରଭୁଙ୍କ ବାକ୍ୟ ଉପରେ ପ୍ରଭୁଙ୍କୁ ପ୍ରେମକର କିନ୍ତୁ ପ୍ରତିଦାନ ଚାହଁନାହିଁ । ପ୍ରଭୁଙ୍କ ଆଶ୍ରାକର କିନ୍ତୁ ଆଶାବାଦୀ ହୁଅନାହିଁ । ଦେଖିବ ତୁମର ଅନ୍ଧତ୍ୱ ନିଶ୍ଚୟ ଦୂରିଭୂତ ହେବ ଏବଂ ଶ୍ରୀ ଗୁରୁଙ୍କ କୃପା ଲାଭ ପାଇ ଜଗତରେ ଶ୍ରେଷ୍ଠ ମାନବ ରୂପେ ଭକ୍ତ ରୂପେ ଶିଷ୍ୟ ରୂପେ ପରିଗଣିତ ହୋଇପାରିବ ।

# ଶ୍ରୀମନ୍ଦିରରେ ମା' ବିମଳାଙ୍କ ଷୋଳପୂଜା ଓ ଶାକ୍ତ ଗୁଣ୍ଡିଚା



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ଶ୍ରୀମନ୍ଦିରରେ ଆଶ୍ୱିନ କୃଷ୍ଣ ପକ୍ଷ ଅଷ୍ଟମୀ(ମୂଳାଷ୍ଟମୀ) ତିଥି ଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ଦୁର୍ଗାଦେବୀଙ୍କର ପୂଜା ବା 'ଷୋଳପୂଜା' ଅନୁଷ୍ଠିତ ହୋଇଥାଏ । ଏ ଉପଲକ୍ଷେ ସପ୍ତମୀ ତିଥିରେ ଦେବୀଙ୍କର 'ସହସ୍ର କୁମ୍ଭାଭିଷେକ' ନୀତି ଅନୁଷ୍ଠିତ ହୁଏ । ମହାପ୍ରଭୁଙ୍କର ସକାଳ ଧୂପ ନୀତି ସମାପ୍ତିରେ ଭଣ୍ଡାର ଘରେ ଥିବା ଶ୍ରୀଦୁର୍ଗାଙ୍କ ବିଗ୍ରହ ରତ୍ନ ସିଂହାସନକୁ ବିଜେ କରନ୍ତି । ମହାପ୍ରଭୁଙ୍କ ଠାରୁ ବିଧି ସଂପାଦନ ନିମନ୍ତେ ଆଜ୍ଞାମାଳ ପାଇ ଦୁର୍ଗା ସୋମନାଥ ମଣ୍ଡପ (ମାଜଣା ମଣ୍ଡପ) ଖଟକୁ ବିଜେ କରିଥା'ନ୍ତି । ସେଠାରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦୀରସ୍ତ ସେବକଙ୍କ ସହ ବ୍ରହ୍ମାବରଣ ହୋଇଥିବା ଆଚାର୍ଯ୍ୟ ବ୍ରାହ୍ମଣ ଶ୍ରୀଦୁର୍ଗାଦେବୀଙ୍କୁ ୧୦୦୦ ଗରା ଜଳଲାଗି କରିବା ପରେ ଶ୍ରୀଅଙ୍ଗ ପୋଛାଯାଇ ବେଶ କରାଯାଇଥାଏ । ଏହାପରେ ପୂଜାପଣ୍ଡାଙ୍କ ଦ୍ୱାରା ପଂଚୋପଚାରରେ ଭୋଗ ପରେ ବନ୍ଦାପନା ହୁଏ ଏବଂ ଶ୍ରୀଦୁର୍ଗା ମହାଜନ ସେବକଙ୍କ ହାତରେ ବାହୁଡ଼ା ବିଜେ ହୋଇ ଭଣ୍ଡାର ଘର ଦ୍ୱାର ନିକଟକୁ ଆସନ୍ତି । ସେଠାରେ ରତ୍ନ ସିଂହାସନସ୍ଥିତ 'ମାଧବ' (ଶ୍ରୀ ଜଗନ୍ନାଥଙ୍କ ବାମ ପାର୍ଶ୍ୱରେ ଶ୍ରୀଦେବୀଙ୍କ ଆଡୁଆଳରେ ରହୁଥିବା ଶ୍ରୀଜଗନ୍ନାଥଙ୍କ କ୍ଷୁଦ୍ରକାୟ ଦାରୁ ପ୍ରତିମା) ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ (ନିର୍ଦ୍ଦେଶ) ପାଇ ଭଣ୍ଡାର ଘର ନିକଟକୁ ଆସନ୍ତି ଏବଂ କୋଠ ସୁଆଁସିଆ ସେବକ ଯୋଗାଇ ଦେଇଥିବା 'କାଷ୍ଠଭଦ୍ରାସନ'ରେ ଉଭୟ ମାଧବ ଓ ଦୁର୍ଗାଦେବୀ 'ରୁନ୍ଧା' ହୋଇଥା'ନ୍ତି । ଏହିଦିନ ଠାରୁ 'ଦୁର୍ଗାମାଧବ ଉପାସନା' ଆରମ୍ଭ ହୋଇଥାଏ । ଏହା ଅନ୍ୟତ୍ର ବିରଳ । ଏହି ରୁନ୍ଧା ଦଶହରା ପର୍ଯ୍ୟନ୍ତ ରହିଥାଏ। ମୂଳାଷ୍ଟମୀ ଠାରୁ ଶ୍ରୀକ୍ଷେତ୍ରର




ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଦେବୀ ମନ୍ଦିରରେ ଷୋଡ଼ଶ ଦିନାତ୍ମକ ପୂଜା ବା 'ଷୋଳପୂଜା' ଆରମ୍ଭ ହୋଇଯାଏ । ବିମଳା ମନ୍ଦିରରେ ପୂର୍ବଦିନ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକି ଆଚାର୍ଯ୍ୟ ରୂପେ ବରଣ ହୋଇଥିବା 'ଶ୍ରୋତ୍ରୀୟ ବ୍ରାହ୍ମଣ'(ବେଦାଧ୍ୟାୟୀ/ ବେଦଜ୍ଞ ଓ ସଚ୍ଚରିତ୍ର ବ୍ରାହ୍ମଣ) ମାନେ କଳସ ପୂଜା, ବ୍ରହ୍ମା, ସ୍ୱସ୍ତିବାଚକ, ଚଣ୍ଡି ଓ ସହସ୍ରନାମାଦି କାର୍ଯ୍ୟ ନିମନ୍ତେ ଅନ୍ୟ ବ୍ରାହ୍ମଣମାନଙ୍କୁ ବରଣ କରି ଜପ ହୋମ ସଂକଳ୍ପ କରିବା ପରେ ଶ୍ରୀବିମଳାଙ୍କ ସମ୍ମୁଖରେ ପାହାଡ଼ା ପଡ଼ି ଭୋଗ ହୋଇଥିବା ସ୍ଥାନକୁ ପୂଜା କରିବା ନିମନ୍ତେ ଯାଇଥା'ନ୍ତି । ବିମଳା ମଣୋହିରେ କୋଠଭୋଗ ମହାପ୍ରସାଦ, ପିଠା ଓ ଥାଳି ଖେଚୁଡ଼ି ଆଦି ବଢ଼ାଯାଏ । ଏହି ଭୋଗ ସମୟରେ ଛତି ଟେକାଯାଇଥାଏ ଏବଂ ଘଣ୍ଟ, କାହାଳୀ ଓ ବାଜା ବାଜୁଥାଏ । ଆଚାର୍ଯ୍ୟ ଷୋଡ଼ଶ ଉପଚାରରେ ପୂଜା କରନ୍ତି । ଭୋଗ ସମାପ୍ତିରେ ଟେରା ଫିଟିଲେ କର୍ପୂର ଆଳତି ଓ ଏକୋଇଶ ବତି ବନ୍ଦାପନା ହୋଇଥାଏ । ସକାଳ ଧୂପ ପୂଜାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚଣ୍ଡିପାଠ ଓ ସହସ୍ରାନାମାଦି ପାଠ କରାଯାଇଥାଏ । ମାତ୍ର ମଧ୍ୟାହ୍ନ ଧୂପ ଓ ସଂଧ୍ୟାଧୂପ ନୀତିରେ ଏହା ହୁଏ ନାହିଁ । ପ୍ରତିଟି ଧୂପରେ ଟେରା ବନ୍ଧାଯାଇ ଭୋଗ ହୁଏ । ଛତି ଟେକା ଯାଇଥାଏ ।ଏହି ବିଧି ବିଧାନ ଶୁକ୍ଳ ପକ୍ଷ ସପ୍ତମୀ ପର୍ଯ୍ୟନ୍ତ ବିମଳାଙ୍କ ପୀଠରେ ପାଳିତ ହୋଇଥାଏ ।

ସପ୍ତମୀ ଠାରୁ ତ୍ରିଦିବସୀୟ ପୂଜା ନିମନ୍ତେ ସ୍ୱତନ୍ତ୍ର ଭାବେ ସଂକଳ୍ପ କରାଯାଇ ତର୍ପଣ, ମାର୍ଜନା ସହ ବଳି, ଜପ ଓ ହୋମାଦି ସଂପନ୍ନ ହୋଇଥାଏ । ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ନିଶାର୍ଦ୍ଧରେ ମା'ବିମଳାଙ୍କର ମନ୍ଦିରରେ ସଙ୍ଖୁଡ଼ି ଓ ଆମିଷ ପୂଜା କରାଯାଏ । ଏଥିପାଇଁ ବିମଳାଙ୍କ କୂଅ ନିକଟରେ ଏକ ଅସ୍ଥାୟୀ ରୋଷଘର କରାଯାଇ ଶ୍ରୀଜଗନ୍ନାଥଙ୍କର ରାତ୍ର ପହୁଡ଼ ପରେ (ଗୁପ୍ତରେ) ମନ୍ଦିର ଶୋଧ କରାଯାଇ ପଶ୍ଚିମ ଦ୍ୱାର ରାସ୍ତା ଦେଇ ବଳୀପଶୁ ଓ ମତ୍ସାଦି ଭିତରକୁ ଅଣାଯାଇଥାଏ । ଏହାର ପୂଜାବିଧି ସଂପୂର୍ଣ୍ଣ 'ଗୋପନୀୟ ଏବଂ ପ୍ରଚାର ବିହୀନ ଗୁପ୍ତବିଧି' ରୂପେ ଗୃହୀତ । ଏଠାରେ ନିର୍ଦ୍ଦିଷ୍ଟ ଛେଦ ପଶୁ ଛଡ଼ା ଯାଚଜ୍ଞା ଛେଦ ଦିଆଯିବାର ବ୍ୟବସ୍ଥା ନାହିଁ । ଷୋଳପୂଜା ସମାପ୍ତି ଅର୍ଥାତ୍ ମହାନବମୀ ପର୍ଯ୍ୟନ୍ତ ବିମଳା ମନ୍ଦିର ଭିତରକୁ ମହିଳାମାନଙ୍କୁ ପ୍ରବେଶ ବାରଣ ରହିଅଛି । ସହସ୍ରାକୁମ୍ଭାଭିଷେକ ଠାରୁ ଷଷ୍ଠୀ ପର୍ଯ୍ୟନ୍ତ ମା' ବିମଳାଙ୍କର ୧୧ ଗୋଟି ଯଜମାନୀ ବେଶ ଅନୁଷ୍ଠିତ ହୋଇଥାଏ । ଷୋଳପୂଜା ସମୟରେ ଦୁର୍ଗାମାଧବ ଏକତ୍ର ରୁନ୍ଧା ହୋଇ ବିମଳା ଦେବୀଙ୍କ ମନ୍ଦିରରେ ଆଠଦିନ ବିଜେ କରିବା ପରେ ନବମ ଦିନ ଠାରୁ ମହାନବମୀ ଆଠଦିନ ପର୍ଯ୍ୟନ୍ତ ଏକ ରଥ ଆକାରର ବିମାନରେ ବିଜେ କରି ପ୍ରତିଦିନ ଦୋଳମଣ୍ଡପ ସାହି ଦେବୀ ନାରାୟଣୀଙ୍କ ମନ୍ଦିର (ଆସ୍ଥାନ)କୁ ଯାଇଥାଆନ୍ତି । ଏହି ଆସ୍ଥାନ ଯାତ୍ରାକୁ ଆଶ୍ୱିନ ଗୁଣ୍ଡିଚା, ଶାକ୍ତ ଗୁଣ୍ଡିଚା, ଶରତ ଗୁଣ୍ଡିଚା କୁହାଯାଏ । ସେଠାରେ ପ୍ରତ୍ୟହ କର୍ପୂର ଲାଗି, ଜଳଲାଗି, ଭୋଗ ଓ ବନ୍ଦାପନା ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ରାତ୍ର ଚନ୍ଦନଲାଗି ବଢ଼ିଲେ (ଶେଷ ହେଲେ)ଦୁର୍ଗାମାଧବ ଶ୍ରୀମନ୍ଦିର ବାହୁଡି ଆସନ୍ତି । ଏହାହିଁ ଷୋଡଶ ଦିବସାତ୍ମକ ପୂଜା ବା ଷୋଳପୂଜା ।

# ଇତିହାସର ଇତିହାସ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜୀବିତ ଥିଲେ ତାଙ୍କୁ ଏବେ ୧୫୭ ବର୍ଷ ହୋଇଥାନ୍ତା । କୃତଜ୍ଞ ରାଷ୍ଟ୍ର ତାଙ୍କର ପୂଣ୍ୟତିଥି ପାଳନ କରିଛି । ଗାନ୍ଧୀଙ୍କୁ ଦେଶବାସୀ ମନେ ପକାଉଛନ୍ତି । ଗାନ୍ଧୀଙ୍କ ବିଶେଷତ୍ୱ ଥିଲା ଯେ ସେ ବିଶ୍ୱ ଇତିହାସରେ ହସ୍ତକ୍ଷେପ କରିଥିଲେ ଓ କାଳର ଅଖଣ୍ଡ ସତ୍ତାକୁ ପ୍ରଭାବିତ କରି ପାରିଥିଲେ । କାଳ (ସମୟ) ହେଉଛି ଅଖଣ୍ଡ ସତ୍ତା । ସବୁ ଘଟଣା ସମୟର ଅବଧି ମଧ୍ୟରେ ହୋଇଥାଏ । ଅର୍ଥବବେଦ (୧୯-୫୩-୫୪)ରେ ମହର୍ଷି ଭୃଗୁ କହିଛନ୍ତି "କାଳ-ଅଶ୍ୱବିଶ୍ୱ-ରଥର ସମ୍ବାହକ ଅଟେ । କାଳ ହିଁ ପିତା ଓ ସେ ହିଁ ଆଗକୁ ପୁତ୍ର ହୋଇଥାଏ । କାଳରେ ପ୍ରାଣ, ମନ, ସବୁ ନାମ ରହିଛି । କାଳର ଅନୁକୂଳତା ହିଁ ଆନନ୍ଦ ଅଟେ । କାଳ ସ୍ୱୟଂଭୁ ଅଟେ । କାଳ ଦ୍ୱାରା ହିଁ ଭୂତ ଏବଂ ଭବିଷ୍ୟ ସୃଷ୍ଟି ହୁଏ । ସମୟକୁ ଧରିହୁଏ ନାହିଁ । ଘଟଣା ସବୁ ଘଟିଥାଏ, ଘଟଣା ଅତୀତ ଅଟେ । ଅତୀତର ଘଟଣା ସବୁର ଯଥାତଥ୍ୟ ସଂକଳନ ଇତିହାସ ଅଟେ । ପ୍ରାଚୀନ ରାଷ୍ଟ୍ରର କୋଟି କୋଟି ଘଟଣା ରହିଛି । ଭାରତ ଏମିତି ଏକ ରାଷ୍ଟ୍ର ଅଟେ । ମୂଳ ପ୍ରଶ୍ନ ହେଉଛି ଯେ ଘଟଣାର ସଙ୍କଳନରେ ସଙ୍କଳନକର୍ତ୍ତାଙ୍କ ରଚି କ'ଣ ଥିଲା ? ରଚି କ'ଣ ? ଅନେକ ବିଦ୍ୱାନ ଯୁଦ୍ଧ ପ୍ରିୟ ହୋଇଥାନ୍ତି । ସେମାନେ ଯୁଦ୍ଧର ଇତିବୃତ୍ତି ସଙ୍କଳିତ କରିଥାନ୍ତି । ଅନେକ ବିଦ୍ୱାନ ପ୍ରକୃତିପ୍ରେମୀ ଓ ସେମାନେ ପ୍ରାକୃତିକ ପରିବର୍ତ୍ତନକୁ ଇତିବୃତର ବିଷୟ କରିଥାନ୍ତି । ମାର୍କ୍ସବାଦୀ ବିଚାରଧାରାର ବିଦ୍ୱାନ ଉତ୍ପାଦନ ପଦ୍ଧତି ବିବରଣୀକୁ ସଙ୍କଳିତ କରିଥାନ୍ତି । ଇତିହାସ ଅତୀତର ଦର୍ପଣ ଅଟେ କିନ୍ତୁ ଇତିହାସ ଲିଖନ ବା ସଙ୍କଳନର କୌଣସି ଶୈଳୀ ପ୍ରାଚୀନ ସମାଜ ବା ରାଷ୍ଟ୍ରର ସଂପୂର୍ଣ୍ଣ ବିବରଣୀ ହୋଇନପାରେ । ଯେମିତି ସମୁଦ୍ରର ଲହରୀର ଗଣନା ଅସମ୍ଭବ ସେହିଭଳି ଇତିହାସର ସଂକଳନ କାର୍ଯ୍ୟ ମଧ୍ୟ ଅତି ଜଟିଳ ଅଟେ । ଏଣୁ ଇତିହାସର ରପ ସ୍ୱରୂପ ଏବଂ ଇତିହାସ ଖୋଜିବା ଅତି କଠିନ କାର୍ଯ୍ୟ ଅଟେ । ଭାରତରେ ଏବେ ଇତିହାସକୁ ନେଇ ବିମର୍ଷ ଚାଲିଛି । ୟୁରୋପୀୟ ବିଦ୍ୱାନ ମାନେ ଭାରତର ଇତିହାସ ଲିଖନ ବେଳେ ପ୍ରକୃତ ତଥ୍ୟକୁ ଉପେକ୍ଷା କରିଛନ୍ତି ବୋଲି ଅଭିଯୋଗ ହେଉଛି । ମାକ୍ସମୁଲର ଲେଖିଛନ୍ତି "ହିନ୍ଦୁ ଦାର୍ଶନିକ ମାନଙ୍କର ଏକ ଜାତି ଥିଲା । ସେମାନଙ୍କ ବିଚାରର ସଂଘର୍ଷ ଥିଲା । ସେମାନଙ୍କ ଅତୀତ ସୃଷ୍ଟିର ସମସ୍ୟା ଥିଲା, ସେମାନଙ୍କ ଭବିଷ୍ୟ ଅସ୍ତିତ୍ୱର ପ୍ରଶ୍ନ ଥିଲା । ଏକଥା ସତ୍ୟ ଯେ ବିଶ୍ୱର ରାଜନୈତିକ ଇତିହାସରେ ଭାରତର କୌଣସି ସ୍ଥାନ ନାହିଁ ।" ମାକ୍ସମୁଲର ବୈଦିକ ଏବଂ ପୌରାଣିକ ସହିତ ପ୍ରାଚୀନ ଇତିହାସରେ ରାଜ୍ୟ ବ୍ୟବସ୍ଥାକୁ ଏଡ଼ାଇ ଯାଇଛନ୍ତି । ଏଲଫିନ୍ସଟନଙ୍କୁ ସିକନ୍ଦରଙ୍କ ଆକ୍ରମଣର ପୂର୍ବରୁ କୌଣସି ଘଟଣାର ନିଶ୍ଚିତ ସମୟ ଦେଖାଯାଇ ନାହିଁ । ୧୮୩୯ରେ ଏଲଫିନ୍ସଟନ ଲେଖିଛନ୍ତି ଯେ "ଭାରତୀୟ ଇତିହାସରେ ସିକନ୍ଦରଙ୍କ ଆକ୍ରମଣ ପୂର୍ବରୁ କୌଣସି ତିଥି ବା ସମୟ ନିଶ୍ଚିତ କରାଯାଇ ପାରିବ ନାହିଁ । ବିଟରନିଟଜ ଭାରତର କାବ୍ୟ, ନାୟକତ୍ୱ ଏବଂ ଇତିହାସର ମିଶ୍ରଣକୁ ଦେଖିଛନ୍ତି । ଅଲବେରୁନିଙ୍କ ଅଭିଯୋଗ ମଧ୍ୟ କଠୋର । ସେ ଲେଖିଛନ୍ତି "ହିନ୍ଦୁମାନେ ଘଟଣାର ଐତିହାସିକ କ୍ରମ ଉପରେ ଅଧିକ ଧାନ ଦେଇନଥାନ୍ତି । ସେମାନେ ସମ୍ରାଟ (ରାଜା)ଙ୍କର କାଳ କ୍ରମାନୁସାରେ ଉତ୍ତରାଧିକାରର ବର୍ଣ୍ଣନରେ ବେପରୁଆ ଅଟନ୍ତି ।" ଗାନ୍ଧୀ ଏହି ସବୁ ବିଦ୍ୱାନଙ୍କ ମତ ବା ଲିଖନର ବିରୋଧି ଥିଲେ । ଅତୀତ ଏବଂ ବର୍ତ୍ତମାନ ଦୁଇଟା ନୁହେଁ, ବର୍ତ୍ତମାନ ଅତୀତର ହିଁ ବିସ୍ତାର ଅଟେ । ଅତୀତ ନିର୍ଜୀବ ସତ୍ତା ନୁହେଁ, ବର୍ତ୍ତମାନ ବିତି ଯାଇଥିବା ସମୟର ଚେହେରା ଅଟେ । ଇତିହାସ ଏବଂ ବର୍ତ୍ତମାନର ସମ୍ପର୍କ ଅବିଚ୍ଛିନ୍ନ ଅଟେ । ଇତିହାସରେ ମନୁଷ୍ୟର କର୍ମର ଅନୁଭବ ହୋଇଥାଏ । ମଣିଷ ଇତିହାସରୁ ହିଁ ଶିଖିଥାଏ । ବର୍ତ୍ତମାନର ବସ୍ତୁନିଷ୍ଠ ଆଖ୍ୟାର ଉପକରଣ ମଧ୍ୟ ଇତିହାସ ଅଟେ । ଇତିହାସ ମନୁଷ୍ୟ ଜୀବନର ପ୍ରୟୋଗଶାଳା ଅଟେ । ସମାଜ ଏହି ପ୍ରୟୋଗଶାଳାର ନିଷ୍ପତ୍ତି ଅନୁସାରେ ଠିକ୍, ଭୁଲ, କେଉଁଟା କରିବା ଉଚିତ୍ ଓ କେଉଁଟା କରିବା ଉଚିତ୍ ନୁହେଁ ସେ କଥାର ସୂଚୀ ପ୍ରସ୍ତୁତ କରିଥାଏ । ଏଣୁ ଇତିହାସର ସଂକଳନ କାର୍ଯ୍ୟ ବୈଜ୍ଞାନିକଙ୍କ ପରି । କିନ୍ତୁ ଇତିହାସକାର ଏବଂ ବୈଜ୍ଞାନିକଙ୍କ ଲକ୍ଷ୍ୟରେ ଆଧାରଭୁତ ପାର୍ଥକ୍ୟ ରହିଛି । ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରିଥାଏ କିନ୍ତୁ ଏହାର ନିଷ୍କର୍ଷ ଅନ୍ତିମ ନୁହେଁ । ପ୍ରକୃତି ବିରାଟ, ଏଠି, ଅନନ୍ତ ରହସ୍ୟ ରହିଛି । ବିଜ୍ଞାନ ଦ୍ୱାରା ଜଣାଯାଇଥିବା କୌଣସି ବି ତଥ୍ୟ ସଂପୁର୍ଣ୍ଣନୁହେଁ ବା ଅନ୍ତିମ ସତ୍ୟ ନୁହେଁ । ଇତିହାସ ହୋଇସାରିଥିବା ବା ଘଟି ଯାଇଥିବା ଘଟଣାର ବିବରଣ ଅଟେ । ଅତୀତରେ ମଧ୍ୟ ସବୁକିଛି ନୂଆର ସମ୍ଭାବନା ନାହିଁ । ଯାହା ହୋଇଛି ବା ଘଟିଯାଇଛି ତାର ତଥ୍ୟଗତ ସଙ୍କଳନ ହିଁ ଇତିହାସ ଅଟେ । ଗାନ୍ଧୀ ଇତିହାସ ନିର୍ମାତା ଥିଲେ ଓ ଅନ୍ୟପକ୍ଷରେ ନିଜେ ଜଣେ ଭଲ ଇତିହାସ ଲେଖକ ମଧ୍ୟ ଥିଲେ । ଅନେକ ବିଦ୍ୱାନ ଗାନ୍ଧୀଙ୍କ ଲିଖିତ "ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ଇତିହାସ" ପୁସ୍ତକର ପ୍ରଶଂସା କରିଛନ୍ତି । ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରଥମ ଅଧ୍ୟାୟ ହେଉଛି "ଭୂଗୋଳ" । ଇତିହାସର ଘଟଣା ସବୁ ଖାସ୍ ଭୂଖଣ୍ଡରେ ଘଟିଥାଏ । ଭୂଖଣ୍ଡ କ୍ଷେତ୍ରର ସ୍ୱରପ ସ୍ଥାୟୀ ରହିନଥାଏ । ଉତ୍ପାଦନର ସାଧନ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏଥିପାଇଁ ଇତିହାସର ଅଧ୍ୟୟନରେ ଭୂଗୋଳର ଗୁରୁତ୍ୱ ରହିଥାଏ । ବୈଦିକ ଯୁଗର କବି ଓ ଲେଖକ ମାନେ ମଧ୍ୟ ପରିବେଶ, ନଦୀ, ପର୍ବତ ସମ୍ପର୍କରେ ବର୍ଣ୍ଣନ କରୁଥିଲେ । ଏଥିସହ ତତ୍କାଳୀକ ଅର୍ଥବ୍ୟବସ୍ଥାର ବ୍ୟାଖ୍ୟା କରୁଥିଲେ । ଗାନ୍ଧୀ ମଧ୍ୟ ଦକ୍ଷିଣ ଆଫ୍ରିକାର ତତ୍କାଳୀନ ଅର୍ଥତନ୍ତ୍ରର ବର୍ଣ୍ଣନା କରିଥିଲେ । ଗାନ୍ଧୀ ଇତିହାସ ଲିଖନରେ ଭାଷାକୁ ମଧ୍ୟ ପ୍ରମୁଖ ସ୍ଥାନ ଦେଇଥିଲେ । ଅଧ୍ୟୟନର ସମସ୍ତ ବିଷୟାନୁଶାସନ ମୁନୁଷ୍ୟ ହିଁ ଗଢିଛି ମନୁଷ୍ୟ ପାଇଁ । ବୃହତ୍ତର ମାନବତାର ଲୋକକଲ୍ୟାଣ ହିଁ ସବୁ ବିଷୟର ଜ୍ଞାନର ଲକ୍ଷ୍ୟ ଅଟେ । ଇତିହାସରେ ଲୋକମଙ୍ଗଳ ସାଧନର କର୍ମଯୋଗ ଏବଂ ବ୍ୟବହାର ଶାସ୍ତ୍ର ବାବଦରେ ଉଲ୍ଲେଖ ରହିଥାଏ । ଇତିହାସର ଲିଖନ, ସଂକଳନ ଏବଂ ଅଧ୍ୟୟନ କାର୍ଯ୍ୟ ଲୋକମଙ୍ଗଳ ଲକ୍ଷ୍ୟ ସହ ଜଡ଼ିତ । ପ୍ରଶ୍ନ ହେଉଛି ଭାରତୀୟ ଉପମହାଦ୍ୱୀପର ଇତିହାସ ଦେଖିବାର ପ୍ରାଚୀନ ଦୃଷ୍ଟିକୋଣ କ'ଣ ଥିଲା ? କ'ଣ ପୌରାଣିକ ଥିଲା ? କ'ଣ ତଥ୍ୟର ତ୍ରୁଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବାର ମାନସିକତା ଥିଲା ? ମହାକାବ୍ୟ ଓ ପୁରାଣଶାସ୍ତ୍ର ଏବଂ ଏହା ପୂର୍ବରୁ ରଚିତ ବୈଦିକ ସାହିତ୍ୟର ନାୟକ କ'ଣ କାଳ୍ପନିକ ? ପୂର୍ବଜ ମାନଙ୍କର ଏଭଳି ଇତିହାସ ଦୃଷ୍ଟି ଥିଲା କାହିଁକି ? ଆଧୁନିକ ଐତିହାସିକ ମାନଙ୍କର ଏକ ବର୍ଗ ବା ଗୋଷ୍ଠୀ ଇତିହାସରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଜରୁରୀ ବୋଲି କହିଥାନ୍ତି । ଏହି ଦୃଷ୍ଟିକୋଣ ଅନୁସାରେ ବୈଦିକ ସାହିତ୍ୟ-ଇତିହାସରେ କ'ଣ ତ୍ରୁଟି ରହିଛି ? କ'ଣ ମାକ୍ସବାଦୀ ଇତିହାସ ଲିଖନ ହିଁ ବୈଜ୍ଞାନିକ ଅଟେ ? ଯଦି ଏହା ଠିକ୍ ? ତେବେ କାର୍ଲମାର୍କ୍ସଙ୍କ ପୂର୍ବରୁ ଲିଖିତ ଇତିହାସ ଅବୈଜ୍ଞାନିକ ହୋଇପାରେ । ଏଭଳି ପ୍ରଶ୍ନାବଳି ଅନେକ ହୋଇପାରେ । କ'ଣ ପୁରାତାତ୍ତ୍ୱିକ ସାକ୍ଷ୍ୟ ହିଁ ପ୍ରମାଣ ଅଟେ ? ଶବ୍ଦ ଅନୁଭୂତି ଶୃତି ସ୍ମୃତି କ'ଣ ବେକାର ଅଟେ ? ସେଇ କାଳଖଣ୍ଡ ବା ସମୟର ସଦ୍‌ଭାବ ପୁର୍ଣ୍ଣ ସମାଜ କ'ଣ ମହତ୍ୱପୂର୍ଣ୍ଣ ନୁହେଁ ?

ରାଷ୍ଟ୍ରବୋଧର ବାସ୍ତବିକ ସର୍ତ୍ତ ସଚ୍ଚା ଇତିହାସ ବୋଧ ଅଟେ । ଗଣିତ, ଜ୍ୟୋତିଷ, ଚିକିତ୍ସା ଆଦି କ୍ଷେତ୍ରରେ ଭାରତର ଉପଲବ୍ଧି ବିଶ୍ୱ ବିଖ୍ୟାତ ଥିଲା । ଭାରତ ଇତିହାସ ସଙ୍କଳନର ନିଜର ବିଶେଷ ପରମ୍ପରା ବିକଶିତ କରିଥିଲା କିନ୍ତୁ ୟୁରୋପୀୟ ଇତିହାସବିତ୍‌ମାନେ ଭାରତକୁ ଇତିହାସବିହୀନ କହିଛନ୍ତି ଗାନ୍ଧୀ ରାଜା ମହାରାଜା ମାନଙ୍କ ବିବରଣୀକୁ ପ୍ରକୃତ ଇତିହାସ ବୋଲି ଭାବୁ ନଥିଲେ । ହିନ୍ଦ୍‌ସ୍ୱରାଜରେ ଗାନ୍ଧୀ ପ୍ରକୃତ ଇତିହାସ କ'ଣ ସେ ବାବଦରେ ଅନେକ କଥା ଲେଖିଛନ୍ତି । ଗାନ୍ଧୀ ୟୁରୋପୀୟ ଇତିହାସର ଅନ୍ତର୍ବସ୍ତୁକୁ କେବଳ ଲଢ଼େଇ/ଯୁଦ୍ଧର ସଂଗ୍ରହ ବୋଲି କହୁଥିଲେ ।

# ଗାନ୍ଧୀବାଦ : ଏକବିଂଶ ଶତାବ୍ଦୀରେ ବିଶ୍ୱଜନୀନ ପ୍ରାସଙ୍ଗିକତା



ନାରାୟଣ ପଧାନ
ଛୁରିଆପାଲି, ସୋହେଲା, ବରଗଡ଼
ମୋ :୯୯୩୭୮୫୪୪୧୪
Mail :narayanapadhan2014@gmail.com

ମାନବସଭ୍ୟତାର ସୁଦୀର୍ଘ ଇତିହାସପ୍ରବାହରେ କେତେକ ମହାମାନବଙ୍କ ଚିନ୍ତନଓ ଜୀବନଦର୍ଶନକାଳ, ଦେଶ, ଜାତି, ଭାଷା ଓ ଭୌଗୋଳିକ ସୀମାରେଖାକୁ ଅତିକ୍ରମ କରି ସମଗ୍ର ମାନବଜାତି ତଥା ବିଶ୍ୱମାନବତାର ଚିରନ୍ତନ ପ୍ରେରଣାସ୍ରୋତରେ ପରିଣତ ହୋଇଥାଏ । ଯୁଗଦ୍ରଷ୍ଟା ମହାତ୍ମା ମୋହନଦାସ କରମଚାନ୍ଦ ଗାନ୍ଧୀ ସେହିପରି ଜଣେ ଅନନ୍ୟ ଅଦ୍ୱିତୀୟମହାମାନବ, ଯାହାଙ୍କ ସତ୍ୟ, ଅହିଂସା, ସତ୍ୟାଗ୍ରହ, ସର୍ବୋଦୟ, ଅନ୍ତ୍ୟୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ, ସ୍ୱାବଲମ୍ବନ, ଆତ୍ମସଂଯମ ଓ ମାନବକଲ୍ୟାଣ ଉପରେ ପ୍ରତିଷ୍ଠିତ, ସମନ୍ୱିତ ଜୀବନଦର୍ଶନ ଆଜି ମଧ୍ୟ ବିଶ୍ୱଶାନ୍ତିର ସର୍ବୋତ୍କୃଷ୍ଟ ମହାମନ୍ତ୍ର ରୂପେ ଅନୁରଣିତ । ଏକବିଂଶ ଶତାବ୍ଦୀର ବିଶ୍ୱ ଯେତେବେଳେ ଯୁଦ୍ଧୋନ୍ମତ୍ତତା, ଭୂ-ରାଜନୈତିକ ଅସ୍ଥିରତା, ଆତଙ୍କବାଦ, ବିଶ୍ୱ ତାପାୟନ, ଜଳବାୟୁ ବିପର୍ଯ୍ୟୟ, ପରିବେଶୀୟ ସଙ୍କଟ ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟ ଭଳି ବହୁବିଧ ସଙ୍କଟରେ ଆକ୍ରାନ୍ତ, ସେତେବେଳେ ଗାନ୍ଧୀବାଦ ସମଗ୍ର ବିଶ୍ୱ ପାଇଁ ମାନବକଲ୍ୟାଣ, ବିଶ୍ୱଶାନ୍ତି ଓ ସହଅସ୍ତିତ୍ୱର ଏକ ଶାଶ୍ୱତ ଆଲୋକବର୍ତ୍ତିକା ରୂପେ ପ୍ରତୀୟମାନ ହୁଏ । ବିଂଶ ଶତାବ୍ଦୀର ଇତିହାସରେ ମହାତ୍ମା ମୋହନଦାସ କରମଚାନ୍ଦ ଗାନ୍ଧୀ ଏକ ଅନନ୍ୟ, ଯୁଗାନ୍ତକାରୀ ଓ ବିଶ୍ୱବନ୍ଦିତ ବ୍ୟକ୍ତିତ୍ୱ । ଗାନ୍ଧୀବାଦ କେବଳ ଏକ ରାଜନୈତିକ ଦର୍ଶନ ନୁହେଁ; ଏହା ସତ୍ୟ, ନୈତିକତା, ଆଧ୍ୟାତ୍ମିକତା ଓ ମାନବିକତା ଉପରେ ଆଧାରିତ ଏକ ସମଗ୍ର ଜୀବନଦର୍ଶନ । ଏହାର ମୂଳାଧାର ସତ୍ୟ, ଅହିଂସା, ସତ୍ୟାଗ୍ରହ, ସର୍ବୋଦୟ, ଅନ୍ତ୍ୟୋଦୟ, ସ୍ୱଦେଶୀ, ସ୍ୱାବଲମ୍ବନ, ଗ୍ରାମସ୍ୱରାଜ, ସହିଷ୍ଣୁତା ଓ ଆତ୍ମସଂଯମ । ଗାନ୍ଧୀଙ୍କ ମତରେ "ସତ୍ୟ ହିଁ ପରମେଶ୍ୱର" ଏବଂ ଅହିଂସା ସେହି ପରମସତ୍ୟ ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ । ତାଙ୍କ ପାଇଁ ଅହିଂସା କେବଳ ହିଂସାର ଅନୁପସ୍ଥିତି ନୁହେଁ, ବରଂ ପ୍ରେମ, କରୁଣା, ସହିଷ୍ଣୁତା ଓ ସହମର୍ମିତାର ସଜୀବ ଅଭିବ୍ୟକ୍ତି । ମହାତ୍ମା ଗାନ୍ଧୀଙ୍କ ଜୀବନ ଓ ଚିନ୍ତାଧାରାର ବିକାଶରେ ଦକ୍ଷିଣ ଆଫ୍ରିକା ଏକ ନିର୍ଣ୍ଣାୟକ ଅଧ୍ୟାୟ ଥିଲା । ୧୮୯୩ ମସିହାରେ ପିଟରମାରିଟ୍ସବର୍ଗ ରେଳଷ୍ଟେସନରେ ବର୍ଣ୍ଣବୈଷମ୍ୟଜନିତ ଅପମାନ ତାଙ୍କ ଜୀବନର ମୋଡ଼ ପରିବର୍ତ୍ତନ କରିଥିଲା । ବ୍ୟକ୍ତିଗତ ଅପମାନକୁ ସେ ମାନବମର୍ଯ୍ୟାଦା ଉପରେ ଆଘାତ ଭାବେ ଗ୍ରହଣ କରି ଅନ୍ୟାୟ ବିରୋଧରେ ସଂଘର୍ଷର ସଙ୍କଳ୍ପ ନେଇଥିଲେ । ସେଠାକାର ଦୀର୍ଘ ଏକୋଇଶବର୍ଷୀୟ ସଂଘର୍ଷର ଅନୁଭବରୁ ଜନ୍ମ ନେଇଥିଲା 'ସତ୍ୟାଗ୍ରହ'— ସତ୍ୟ, ଅହିଂସା ଓ ଆତ୍ମବଳ ଉପରେ ଆଧାରିତ ଏକ ଅଭିନବ ସଂଗ୍ରାମ ଦର୍ଶନ । ୧୯୧୫ରେ ଭାରତକୁ ଫେରିବା ପରେ ଗାନ୍ଧୀଜୀ ସ୍ୱାଧୀନତା ସଂଗ୍ରାମକୁ ଅଦ୍ୱିତୀୟ ଜନଆନ୍ଦୋଳନରେ ପରିଣତ କରି କୃଷକ, ଶ୍ରମିକ, ନାରୀ, ଯୁବକ ଓ ସାଧାରଣ ଲୋକଙ୍କୁ ଏକତ୍ର କରିଥିଲେ । ଚମ୍ପାରଣ (୧୯୧୭), ଖେଡା (୧୯୧୮), ଅସହଯୋଗ (୧୯୨୦-୨୨), ଲବଣ ସତ୍ୟାଗ୍ରହ (୧୯୩୦) ଏବଂ ଭାରତ ଛାଡ଼ ଆନ୍ଦୋଳନ (୧୯୪୨) ମାଧ୍ୟମରେ ସେ ଅହିଂସା ଓ ସତ୍ୟାଗ୍ରହର ଶକ୍ତିରେ ବ୍ରିଟିଶ ଶାସନ ବିରୋଧରେ ଜନମତକୁ ସଂଗଠିତ କରି ୧୯୪୭ରେ ଭାରତର ସ୍ୱାଧୀନତାର ପଥ ପ୍ରଶସ୍ତ କରିଥିଲେ । ଆଜିର ବିଶ୍ୱ ଯୁଦ୍ଧ, ଅସହିଷ୍ଣୁତା, ଧର୍ମୀୟ ଉଗ୍ରବାଦ, ସାମାଜିକ ବିଭାଜନ ଓ ପରମାଣୁ ଅସ୍ତ୍ର ପ୍ରତିଯୋଗିତାରେ ଅଶାନ୍ତ । ଏପରି ପରିସ୍ଥିତିରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି । ଗାନ୍ଧୀଜୀ ବିଶ୍ୱାସ କରୁଥିଲେ ଯେ ହିଂସା କେବେବି ସ୍ଥାୟୀ ଶାନ୍ତି ଆଣିପାରେ ନାହିଁ; ଅହିଂସା, ସହିଷ୍ଣୁତା ଓ ସଂଳାପ ହିଁ ବିବାଦର ସର୍ବୋତ୍ତମ ସମାଧାନ । ତାଙ୍କ ଅହିଂସାତ୍ମକ ପ୍ରତିରୋଧ ଦର୍ଶନ ଘୃଣାକୁ ସମ୍ପ୍ରୀତିରେ, ସଂଘର୍ଷକୁ ସହଯୋଗରେ ଓ ବିରୋଧକୁ ବିଶ୍ୱାସରେ ପରିଣତ କରିବାର ମାର୍ଗ ଦେଖାଏ । ସେଥିପାଇଁ ବିଶ୍ୱଶାନ୍ତି, ମାନବୀୟ ସହାବସ୍ଥାନ ଓ ନ୍ୟାୟଭିତ୍ତିକ ସମାଜ ଗଠନ ପାଇଁ ଗାନ୍ଧୀବାଦ ଆଜି ମଧ୍ୟ ଏକ ପ୍ରଭାବଶାଳୀ ଓ ପ୍ରାସଙ୍ଗିକ ବିକଳ୍ପ । ଗାନ୍ଧୀବାଦର ପ୍ରାସଙ୍ଗିକତା ପରିବେଶ କ୍ଷେତ୍ରରେ ମଧ୍ୟ ଅପରିସୀମ । ଅନିୟନ୍ତ୍ରିତ ଭୋଗବାଦ, ଅପଚୟ ଓ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ଫଳରେ ଆଜି ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଙ୍କଟ ମାନବ ସଭ୍ୟତା ପାଇଁ ଗଭୀର ସଙ୍କଟ ସୃଷ୍ଟି କରିଛି । ଏପରି ପରିସ୍ଥିତିରେ ଗାନ୍ଧୀଜୀଙ୍କ ଅମର ବାଣୀ— "ପୃଥିବୀ ନିକଟରେ ସମସ୍ତଙ୍କ ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ସମ୍ପଦ ଅଛି, କିନ୍ତୁ କାହାରି ଲୋଭ ପୂରଣ ପାଇଁ ନୁହେଁ"— ଏକ ଚିରନ୍ତନ ସତର୍କବାଣୀ ଭାବେ ପ୍ରତିଧ୍ୱନିତ ହୁଏ । ତାଙ୍କର 'ସରଳ ଜୀବନଯାପନ, ଉଚ୍ଚ ଚିନ୍ତନ (Simple Living and High Thinking) ଦର୍ଶନ, ସଂଯମିତ ଭୋଗ, ସମ୍ପଦର ସୁବିବେଚିତ ବ୍ୟବହାର ଓ ପ୍ରକୃତି ପ୍ରତି ସମ୍ମାନର ଶିକ୍ଷା ଆଜିର ସୁସ୍ଥାୟୀ ବିକାଶ ଓ ସବୁଜ ପୃଥିବୀ ଗଠନର ମୂଳ ଆଧାର । ଗାନ୍ଧୀଙ୍କ ମତରେ ପ୍ରକୃତି ଶୋଷଣର ବସ୍ତୁ ନୁହେଁ, ବରଂ ମାନବଜାତିର ସହଯାତ୍ରୀ; ଏହି ଦୂରଦର୍ଶୀ ଗାନ୍ଧୀୟ ଚିନ୍ତନ ଆଜିର ପରିବେଶ ନୈତିକତାର ଏକ ଶକ୍ତିଶାଳୀ ଭିତ୍ତି । ଆଜିର ବଢ଼ୁଥିବା ଆର୍ଥିକ ବୈଷମ୍ୟର ଯୁଗରେ ଗାନ୍ଧୀଙ୍କ "ସର୍ବୋଦୟ" ଓ "ଅନ୍ତ୍ୟୋଦୟ"ଦର୍ଶନ ଅତ୍ୟନ୍ତ ପ୍ରାସଙ୍ଗିକ । ସର୍ବୋଦୟର ଅର୍ଥ ସମସ୍ତଙ୍କର ସର୍ବାଙ୍ଗୀଣ କଲ୍ୟାଣ ଓ ଉତ୍ଥାନ । ଏହା ସହ ଓତପ୍ରୋତ ଭାବେ ଜଡ଼ିତ ଅନ୍ତ୍ୟୋଦୟର ଧାରଣା, ଯାହା ଅନୁସାରେ ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ସର୍ବନିମ୍ନ, ସର୍ବାଧିକ ବଞ୍ଚିତ, ଗରିବ, ଅସହାୟଓ ନିଷ୍ପେଷିତ ମଣିଷର ଉନ୍ନତି ହିଁ ପ୍ରକୃତ ପ୍ରଗତି ଓ ସାମାଜିକ ନ୍ୟାୟର ପ୍ରକୃତ ମାନଦଣ୍ଡ । ଏକବିଂଶ ଶତାବ୍ଦୀରେ ଆର୍ଥିକ ବିକାଶ ସତ୍ତ୍ୱେ ଧନୀ ଓ ଗରିବଙ୍କ ମଧ୍ୟରେ ବଢ଼ୁଥିବା ବ୍ୟବଧାନ, ସାମାଜିକ ବୈଷମ୍ୟ ଓ ଅସମାନତାର ପରିପ୍ରେକ୍ଷୀରେ ଗାନ୍ଧୀଙ୍କ ନ୍ୟାସୀତ୍ୱ, ସମାବେଶୀ ବିକାଶ ଓ ମାନବକେନ୍ଦ୍ରିକ ଅର୍ଥନୀତିର ଦର୍ଶନ ଏକ ନ୍ୟାୟଭିତ୍ତିକ ଓ ସମତାମୂଳକ ସମାଜ ଗଠନ ପାଇଁ ଦିଗଦର୍ଶନ ପ୍ରଦାନ କରେ । ଆଜିର ଜଗତୀକରଣର ଯୁଗରେ ମଧ୍ୟ ଗାନ୍ଧୀଜୀଙ୍କ ସ୍ୱଦେଶୀ, ସ୍ୱାବଲମ୍ବନ ଓ ଗ୍ରାମକେନ୍ଦ୍ରିକ ବିକାଶ ଦର୍ଶନ ଏକ ଦୂରଦର୍ଶୀ ମାର୍ଗଦର୍ଶକ ଭାବେ ପ୍ରତିଭାତ ହୁଏ । ସ୍ଥାନୀୟ ଉତ୍ପାଦନ, କୁଟୀର ଶିଳ୍ପ, ଆତ୍ମନିର୍ଭରତା ଓ ଗ୍ରାମୀଣ ରୋଜଗାରକୁ ପ୍ରୋତ୍ସାହନ ଦେଇ ସେ ଏକ ସମତୁଳିତ, ଦୀର୍ଘସ୍ଥାୟୀ ଓ ମାନବକେନ୍ଦ୍ରିକ ଅର୍ଥନୀତିର ସ୍ୱପ୍ନ ଦେଖିଥିଲେ । "ଭାରତର ଆତ୍ମା ଗାଁଗୁଡ଼ିକରେ ବାସ କରେ" ବୋଲି ସେ ବିଶ୍ୱାସ କରୁଥିଲେ; ତେଣୁ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ, କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶ ଏବଂ ସ୍ଥାନୀୟ ସମ୍ପଦର ସଦୁପଯୋଗକୁ ସେ ଜାତୀୟ ପ୍ରଗତିର ଆଧାର ଭାବେ ଦେଖିଥିଲେ । ଆଜିର 'ଆତ୍ମନିର୍ଭର ଭାରତ', 'ମେକ୍ ଇନ୍ ଇଣ୍ଡିଆ' ଓ 'ଭୋକାଲ୍ ଫର୍ ଲୋକାଲ୍' ଭଳି ଅଭିଯାନଗୁଡ଼ିକ ତାଙ୍କ ଆର୍ଥିକ ଦୃଷ୍ଟିକୋଣର ଆଧୁନିକ ରୂପାନ୍ତର, ଯାହା ଗାନ୍ଧୀବାଦର ଚିରନ୍ତନ ପ୍ରାସଙ୍ଗିକତାକୁ ସ୍ପଷ୍ଟ କରେ । ଗାନ୍ଧୀଜୀଙ୍କ ମତରେ ମଣିଷର ପରିଚୟ ତାହାର ଜାତି, ଧର୍ମ କିମ୍ବା ବର୍ଣ୍ଣରେ ନୁହେଁ, ବରଂ ତାହାର ମାନବିକତାରେ ନିହିତ । ଆଜି ଯେତେବେଳେ ଜାତିବାଦ, ସାମ୍ପ୍ରଦାୟିକତା, ବର୍ଣ୍ଣବୈଷମ୍ୟ ଓ ଧାର୍ମିକ ଅସହିଷ୍ଣୁତା ସମାଜରେ ବିଭାଜନ ଓ ହିଂସା ସୃଷ୍ଟି କରୁଛି, ସେତେବେଳେ ତାଙ୍କର ସର୍ବଧର୍ମ ସମଭାବ, ସାମାଜିକ ସମାନତା ଓ ମାନବୀୟ ଭ୍ରାତୃତ୍ୱର ବାର୍ତ୍ତା ଅଧିକ ପ୍ରାସଙ୍ଗିକ ହୋଇଉଠେ । ଅସ୍ପୃଶ୍ୟତା ବିରୋଧୀ ସଂଗ୍ରାମ ଏବଂ "ଈଶ୍ୱର ଆଲ୍ଲା ତେରୋ ନାମ"ର ଆଦର୍ଶ ମାଧ୍ୟମରେ ସେ ପ୍ରମାଣ କରିଥିଲେ ଯେ ମାନବତା ହିଁ ସର୍ବୋଚ୍ଚ ଧର୍ମ । ତେଣୁ ଶାନ୍ତି, ସମ୍ପ୍ରୀତି ଓ ସହଅବସ୍ଥାନ ଭିତ୍ତିକ ଏକ ସୁସଂହତ ବିଶ୍ୱ ଗଠନ ପାଇଁ ଗାନ୍ଧୀବାଦ ଆଜି ମଧ୍ୟ ଏକ ଆଲୋକବର୍ତ୍ତିକା । ଗାନ୍ଧୀଙ୍କ ପ୍ରଭାବ ଭାରତ ସୀମା ଅତିକ୍ରମ କରି ସମଗ୍ର ବିଶ୍ୱରେ ବିସ୍ତାରିତ ହୋଇଛି । ଦକ୍ଷିଣ ଆଫ୍ରିକାରେ ନେଲସନ ମାଣ୍ଡେଲା ବର୍ଣ୍ଣବୈଷମ୍ୟ ବିରୋଧୀ ସଂଗ୍ରାମରେ ଗାନ୍ଧୀୟ ଅହିଂସାରୁ ପ୍ରେରଣା ଗ୍ରହଣ କରିଥିଲେ । ଆମେରିକାରେ ମାର୍ଟିନ ଲୁଥର କିଙ୍ଗ ଜୁନିୟର ନାଗରିକ ଅଧିକାର ଆନ୍ଦୋଳନକୁ ଗାନ୍ଧୀୟ ସତ୍ୟାଗ୍ରହର ଭିତ୍ତିରେ ଗଢ଼ିଥିଲେ ଏବଂ କହିଥିଲେ "Christ gave the message;Gandhi showed the method." । ତିବ୍ବତୀୟ ଧର୍ମଗୁରୁ ଦାଲାଇ ଲାମା ଗାନ୍ଧୀଙ୍କୁ ଅହିଂସାର ସର୍ବଶ୍ରେଷ୍ଠ ଦୂତ ବୋଲି ବର୍ଣ୍ଣନା କରିଛନ୍ତି । ଆଲବର୍ଟ ଆଇନଷ୍ଟାଇନଙ୍କ ଭାଷାରେ— "ଆଗାମୀ ପିଢ଼ି ସମ୍ଭବତଃ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ କ୍ଷୀଣକାୟ ବପୁଧାରି ଅର୍ଦ୍ଧ ଉଲଗ୍ନ ଫକୀର ରକ୍ତମାଂସରେ ଏହି ପୃଥିବୀରେ କେବେ ବିଚରଣ କରିଥିଲେ" । ଜାତିସଂଘ ପ୍ରତିବର୍ଷ ଅକ୍ଟୋବର ୨ ତାରିଖକୁ "ଆନ୍ତର୍ଜାତିକ ଅହିଂସା ଦିବସ" ଭାବେ ପାଳନ କରୁଛି, ଯାହା ଗାନ୍ଧୀଙ୍କ ବିଶ୍ୱବ୍ୟାପୀ ପ୍ରଭାବ ଓ ତାଙ୍କ ଚିନ୍ତାଧାରାର ଚିରନ୍ତନତାର ସର୍ବୋତ୍କୃଷ୍ଟ ସ୍ୱୀକୃତି । ଗାନ୍ଧୀବାଦ କେବଳ ଇତିହାସର ପୃଷ୍ଠାରେ ସୀମିତ ଏକ ଦର୍ଶନ ନୁହେଁ; ଏହା ବର୍ତ୍ତମାନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ଏବଂ ଭବିଷ୍ୟତ ମାନବସଭ୍ୟତାର ସମ୍ଭାବ୍ୟ ମୁକ୍ତିପଥ । ଯୁଦ୍ଧୋନ୍ମାଦ, ହିଂସା, ଅସହିଷ୍ଣୁତା, ପରିବେଶୀୟ ବିପର୍ଯ୍ୟୟ, ସାମାଜିକ ବୈଷମ୍ୟ ଓ ନୈତିକ ମୂଲ୍ୟବୋଧର ଅବକ୍ଷୟରେ ବିପର୍ଯ୍ୟସ୍ତ ସମକାଳୀନ ବିଶ୍ୱରେ ଗାନ୍ଧୀଙ୍କ ସତ୍ୟ, ଅହିଂସା, ସମତା, ସହୃଦୟତା, ସହଅସ୍ତିତ୍ୱ, ସର୍ବୋଦୟ ଓ ମାନବମଙ୍ଗଳର ଦର୍ଶନ ଏକ ଅବିନଶ୍ୱର ମାର୍ଗଦର୍ଶନ । ଯେପର୍ଯ୍ୟନ୍ତ ମାନବଜାତି ଶାନ୍ତି, ନ୍ୟାୟ, ମାନବିକତା ଓ ସମନ୍ୱିତ ସହଅବସ୍ଥାନର ସନ୍ଧାନରେ ରହିବ, ସେପର୍ଯ୍ୟନ୍ତ ଗାନ୍ଧୀବାଦ ଏକ ଚିରନ୍ତନ ପ୍ରେରଣାସ୍ରୋତ ଓ ମାନବସଭ୍ୟତାର ଚିରଦୀପ୍ତପଥପ୍ରଦର୍ଶକ ଭାବେ ଦୀପ୍ତିମାନ ରହିବ । ସତ୍ୟ ଓ ଅହିଂସାରେ ଅଧିଷ୍ଠିତ ଗାନ୍ଧୀୟ ଜୀବନଦର୍ଶନ ହିଁ ମାନବଜାତିର ସର୍ବାଙ୍ଗୀନ କଲ୍ୟାଣ, ବିଶ୍ୱଭ୍ରାତୃତ୍ୱ, ସମନ୍ୱିତ ସହାବସ୍ଥାନ, ସୁସ୍ଥାୟୀ ଭବିଷ୍ୟତ ନିର୍ମାଣ ଓ ଶାଶ୍ୱତବିଶ୍ୱଶାନ୍ତିର ସର୍ବୋତ୍ତମ ବିଶ୍ୱସନୀୟ ଅବଲମ୍ବନ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୩ ଅକ୍ଟୋବର, ଶନିବାର,୨୦୨୬


# ଭାଙ୍ଗିଲା ୪୮ ବର୍ଷର ରେକର୍ଡ
## ମହିଳା ରିକର୍ଭ ଆର୍ଚ୍ଚେରୀରେ ସ୍ୱର୍ଣ୍ଣ ପଦକ ଜିତିଲା ଭାରତ



**ନାଗୋୟା**

ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ଆର୍ଚ୍ଚେରୀ ଦଳ ରିକର୍ଭ ଇଭେଣ୍ଟରେ ଇତିହାସ ରଚିଛନ୍ତି। ଫାଇନାଲ ମ୍ୟାଚ୍‌ରେ ଭାରତ ୧୦ ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆକୁ ୫–୩ରେ ହରାଇ ପ୍ରଥମ ଥର ପାଇଁ ମହିଳା ଦଳ ରିକର୍ଭ ଆର୍ଚ୍ଚେରୀ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ପକ୍ଷରୁ କୁମକୁମ ମୋହାଦ, ଅଙ୍କିତା ଭକତ ଓ କୀର୍ତ୍ତିଙ୍କ ଟିମ୍ ଚମତ୍କାର ପ୍ରଦର୍ଶନ କରି ଦଳକୁ ଏହି ଐତିହାସିକ ବିଜୟ ଦେଇଛନ୍ତି। ଫାଇନାଲରେ ଭାରତୀୟ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲା ଏବଂ ପ୍ରାରମ୍ଭିକ ଦୁଇଟି ସେଟ୍ ବରାବର ରହିବା ପରେ ଭାରତ ତୃତୀୟ ସେଟ୍‌ରେ ଦକ୍ଷିଣ କୋରିଆ ମହିଳା ଆର୍ଚ୍ଚେରୀ ଦଳକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି।

ଭାରତୀୟ ମହିଳା ଆର୍ଚ୍ଚେରୀ ଦଳ ସେମିଫାଇନାଲରେ ଚୀନ୍‌କୁ ୫–୧ରେ ହରାଇ ପ୍ରଥମ ଥର ପାଇଁ ରିକର୍ଭ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ପାଇଁ ଫାଇନାଲରେ ନିଜ ସ୍ଥାନ ପକ୍କା କରିଥିଲେ। ଫାଇନାଲରେ ଭାରତୀୟ ଦଳର ମୁକାବିଲା ଦୁନିଆର ସବୁଠାରୁ ଶକ୍ତିଶାଳୀ ଦଳଗୁଡ଼ିକ ମଧ୍ୟରେ ଗଣାଯାଉଥିବା ୧୦ ଥରର ଅଲିମ୍ପିକ୍ ଚାମ୍ପିଅନ ଦକ୍ଷିଣ କୋରିଆ ସହ ହୋଇଥିଲା। ଭାରତ ପାଇଁ ଏହି ଚ୍ୟାଲେଞ୍ଜ ଆଦୌ ସହଜ ନଥିଲା, କିନ୍ତୁ କୁମକୁମ, କୀର୍ତ୍ତି ଓ ଅଙ୍କିତା ଚମତ୍କାର ଖେଳ ପ୍ରଦର୍ଶନ କରି କୋରିଆ ଦଳକୁ ପ୍ରଥମ ଦୁଇଟି ସେଟ୍‌ରେ କଡ଼ା ଟକ୍କର ଦେଇଥିଲେ ଏବଂ ପ୍ରାରମ୍ଭିକ ଦୁଇଟି ସେଟ୍ ବରାବରରେ ଶେଷ ହୋଇଥିଲା।

ପ୍ରଥମ ସେଟ୍ ଅତ୍ୟନ୍ତ ରୋମାଞ୍ଚକର ଥିଲା ଏବଂ ଉଭୟ ଦଳ ୫୪–୫୪ ପଏଣ୍ଟ ହାସଲ କରିଥିଲେ। ଏହାପରେ ଦ୍ୱିତୀୟ ସେଟରେ ମଧ୍ୟ ଭାରତୀୟ ତ୍ରିମୂର୍ତ୍ତି ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖିଥିଲେ। ଏହି ସେଟ୍ ମଧ୍ୟ ୫୬–୫୬ର ସମାନ ସ୍ଥିତିରେ ଶେଷ ହୋଇଥିଲା ଏବଂ ଦୁଇଟି ସେଟ୍ ପରେ ଉଭୟ ଦଳ ବରାବର ସ୍ଥିତିରେ ରହିଥିଲେ।

ତୃତୀୟ ସେଟ୍ ଭାରତୀୟ ମହିଳା ରିକର୍ଭ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। କୁମକୁମ, କୀର୍ତ୍ତି ଓ ଅଙ୍କିତା ଦକ୍ଷିଣ କୋରିଆର ୱାର୍ଲ୍ଡ ଚାମ୍ପିଅନ କାଙ୍ଗ ଚେୟଙ୍ଗ, ଓ ୟେଜିନ ଏବଂ ଲି ୟୁନଜୀଙ୍କ ଦଳ ଉପରେ ଚାପ ପକାଇଥିଲେ ଏବଂ ସେମାନଙ୍କ ଖରାପ ପ୍ରଦର୍ଶନର ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ଭାରତ ପକ୍ଷରୁ କୀର୍ତ୍ତି ପ୍ରଥମେ ୮ ପଏଣ୍ଟ ହାସଲ କରିଥିଲେ। ଯାହାକୁ ପରବର୍ତ୍ତୀ ସମୟରେ ନିର୍ଣ୍ଣାୟକ ଭାବେ ୯ ପଏଣ୍ଟରେ ବଦଳାଯାଇଥିଲା। ଭାରତ ତୃତୀୟ ସେଟ୍‌କୁ ୫୫–୫୨ ରେ ନିଜ ନାମରେ କରି ମ୍ୟାଚ୍‌ରେ ୪–୨ର ଅଗ୍ରଣୀ ହାସଲ କରିଥିଲା।

ଏହାପରେ ସମସ୍ତଙ୍କ ନଜର ଚତୁର୍ଥ ଏବଂ ନିର୍ଣ୍ଣାୟକ ସେଟ୍ ଉପରେ ଥିଲା। କୋରିଆ ଦଳ ଏହି ସେଟ୍‌ରେ ୫୪ ପଏଣ୍ଟ ହାସଲ କରିଥିଲା, ଏଭଳି ପରିସ୍ଥିତିରେ ଭାରତକୁ ସ୍ୱର୍ଣ୍ଣ ପଦକ ପକ୍କା କରିବା ପାଇଁ ସେଟ୍‌କୁ ଅତିକମ୍‌ରେ ବରାବର ସ୍ଥିତିରେ ଶେଷ କରିବାର ଥିଲା। ଭାରତୀୟ ଟିମ୍ ଚାପ ମଧ୍ୟରେ ଚମତ୍କାର ପ୍ରଦର୍ଶନ କରି ଚତୁର୍ଥ ସେଟ୍‌କୁ ବରାବର ସ୍ଥିତିରେ ଶେଷ କରିଥିଲେ ଏବଂ ମୁକାବିଲାକୁ ୫–୩ ରେ ନିଜ ନାମରେ କରିନେଇଥିଲେ। ଏହି ବିଜୟ ସହିତ ଭାରତ ମହିଳା ଦଳ ରିକର୍ଭ ଇଭେଣ୍ଟରେ ଏସିଆନ ଗେମ୍ସ ଇତିହାସର ନିଜର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ଭାରତ ପ୍ରଥମ ଥର ପାଇଁ ୨୦୧୦ ଗ୍ୱାଙ୍ଗଜୁ ଏସିଆନ ଗେମ୍ସରେ ମହିଳା ଦଳ ରିକର୍ଭରେ ବ୍ରୋଞ୍ଜ ପଦକ ଜିତିଥିଲା ଏବଂ ୨୦୨୨ ହାଙ୍ଗଜୋରେ ମଧ୍ୟ କାଂସ୍ୟ ପଦକ ନିଜ ନାମରେ କରିଥିଲା। କିନ୍ତୁ ବର୍ତ୍ତମାନ ୨୦୨୬ ଆଇଚି–ନାଗୋୟା ଏସିଆନ ଗେମ୍ସରେ କୁମକୁମ, ଅଙ୍କିତା ଏବଂ କୀର୍ତ୍ତିଙ୍କ ଭାରତୀୟ ଦଳ ଦକ୍ଷିଣ କୋରିଆକୁ ହରାଇ ଇତିହାସ ରଚିଛନ୍ତି ଏବଂ ଏହି ଇଭେଣ୍ଟରେ ଭାରତ ପାଇଁ ୪୮ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ଦେଶକୁ ଦେଲେ ଜନ୍ମଦିନର ସବୁଠୁ ବଡ଼ ଉପହାର
## ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଲେ ଲଭ୍‌ଲିନା

**ଆଇଚି**

ଭାରତର ମୁଷ୍ଟିଯୋଦ୍ଧା ଲଭଲିନା ବୋରଗୋହେନ୍ ଏସିଆନ୍ ଗେମ୍ସ ୨୦୨୬ରେ ମହିଳାମାନଙ୍କ ୭୫ କିଲୋଗ୍ରାମ୍ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଲଭଲିନା ଫାଇନାଲରେ ଚୀନ୍‌ର ଖେଳାଳି ବାଓ ଜିଇଙ୍କୁ ୫–୦ର ସର୍ବସମ୍ମତ ନିଷ୍ପତ୍ତିରେ ହରାଇ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମ୍ପୂର୍ଣ୍ଣ ମ୍ୟାଚ୍‌ରେ ଲଭଲିନାଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା ଏବଂ ସେ ତିନିଟି ଯାକ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିଥିଲେ। ସବୁଠାରୁ ବିଶେଷ କଥା ହେଉଛି ଶୁକ୍ରବାର (୨ ଅକ୍ଟୋବର) ସେ ନିଜର ୨୯ତମ ଜନ୍ମଦିନ ପାଳନ କରିଛନ୍ତି ଏବଂ ଏହି ବିଶେଷ ଅବସରରେ ସେ ଦେଶକୁ ସ୍ୱର୍ଣ୍ଣ ପଦକର ଉପହାର ଦେଇଛନ୍ତି। ଏହା ସହିତ ଲଭଲିନା ମହିଳା ବକ୍ସିଂରେ ଭାରତର ୧୨ ବର୍ଷର ସ୍ୱର୍ଣ୍ଣ ପଦକ ଅପେକ୍ଷାର ଅନ୍ତ ମଧ୍ୟ ଘଟାଇଛନ୍ତି।



ଲଭଲିନା ବୋରଗୋହେନ୍ ଏବଂ ଚୀନ୍‌ର ବାଓ ଜିଇଙ୍କ ମଧ୍ୟରେ ମହିଳା ୭୫ କିଲୋଗ୍ରାମ ବର୍ଗର ଫାଇନାଲରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଚୀନ୍ ମୁକ୍କାବାଜ ପ୍ରଥମ ରାଉଣ୍ଡରେ ଆକ୍ରମଣାତ୍ମକ ଆରମ୍ଭ କରିଥିଲେ, କିନ୍ତୁ ଲଭଲିନା ଧୈର୍ଯ୍ୟ ରଖି ସଠିକ୍ ସମୟରେ ସଠିକ୍ ପଞ୍ଚ୍ ମାରିଥିଲେ ଏବଂ ସେ ପ୍ରଥମ ରାଉଣ୍ଡକୁ ୩–୨ରେ ନିଜ ନାମରେ କରିଥିଲେ। ଏହାପରେ ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ଲଭ୍‌ଲିନା ଚମତ୍କାର ପ୍ରଦର୍ଶନ କରି ୪–୧ରେ ବିଜୟୀ ହୋଇଥିଲେ। ଏହାସହିତ ସେ ମ୍ୟାଚ୍‌ରେ ୨–୦ର ଅଗ୍ରଣୀ ହାସଲ କରି ସ୍ୱର୍ଣ୍ଣ ପଦକ ଆଡ଼କୁ ନିଜର ପାଦ ମଜବୁତ କରିଥିଲେ।

ପ୍ରଥମ ଦୁଇଟି ରାଉଣ୍ଡ ଜିତି ୨–୦ର ଅଗ୍ରଣୀ ହାସଲ କରିସାରିଥିବା ଲଭଲିନା ତୃତୀୟ ରାଉଣ୍ଡରେ ମଧ୍ୟ ନିଜର ଚମତ୍କାର ପ୍ରଦର୍ଶନ ବଜାୟ ରଖିଥିଲେ। ସେ ଏହି ରାଉଣ୍ଡକୁ ଏକତରଫା ଭାବେ ୫–୦ରେ ନିଜ ନାମରେ କରିଥିଲେ ଏବଂ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚଳିତ ଏସିଆନ୍ ଗେମ୍ସରେ ଏହା ଭାରତର ସମୁଦାୟ ୧୨ତମ ସ୍ୱର୍ଣ୍ଣ ପଦକ। ଯେଉଁଠାରେ କି ବକ୍ସିଂରୁ ଏହା ପ୍ରଥମ ସ୍ୱର୍ଣ୍ଣ ପଦକ ଆସିଛି।

ଲଭଲିନା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ଭାରତର ଦ୍ୱିତୀୟ ମହିଳା ମୁଷ୍ଟିଯୋଦ୍ଧା ବନିଯାଇଛନ୍ତି। ତାଙ୍କ ପୂର୍ବରୁ ଏହି ଗୌରବ କିମ୍ବଦନ୍ତୀ ବକ୍ସର୍ ମ୍ୟାରୀ କମ୍ ହାସଲ କରିଥିଲେ। ମ୍ୟାରୀ ୨୦୧୪ରେ ହୋଇଥିବା ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତି ଭାରତର ଖାତା ଖୋଲିଥିଲେ। ବର୍ତ୍ତମାନ ଲଭଲିନାଙ୍କ ନାମ ମଧ୍ୟ ଏହି ସ୍ୱତନ୍ତ୍ର ତାଲିକାରେ ସାମିଲ ହୋଇଯାଇଛି। ଏହାପୂର୍ବରୁ ଗତ ଏସିଆନ୍ ଗେମ୍ସରେ ମଧ୍ୟ ଲଭଲିନାଙ୍କ ପାଖରେ ସ୍ୱର୍ଣ୍ଣ ଜିତିବାର ସୁଯୋଗ ଥିଲା, କିନ୍ତୁ ଫାଇନାଲରେ ପରାଜୟ ଯୋଗୁଁ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

ଲଭଲିନା ଏହାପୂର୍ବରୁ କମନ ୱେଲଥ ଗେମ୍ସ ୨୦୨୬ରେ ମଧ୍ୟ ସ୍ୱର୍ଣ୍ଣ ପଦକ ମୁକାବିଲା ପର୍ଯ୍ୟନ୍ତ ପହଞ୍ଚିଥିଲେ, କିନ୍ତୁ ସେଠାରେ ମଧ୍ୟ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କିନ୍ତୁ ଏଥର ସେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସେହି ଅଭାବକୁ ପୂରଣ କରିଦେଇଛନ୍ତି।

# ତାଜିକିସ୍ତାନ କୁସ୍ତିଯୋଦ୍ଧାଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଲେ ସୁଜିତ୍

**ଆଇଚି**



ଭାରତର ସୁଜିତ୍ କଲକଲ୍ ଏସିଆନ୍ ଗେମ୍ସରେ କୁସ୍ତିରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ୬୫ କିଲୋଗ୍ରାମ ଫ୍ରି–ଷ୍ଟାଇଲ୍ ବର୍ଗର ଫାଇନାଲରେ ସୁଜିତ୍ ତାଜିକିସ୍ତାନର ଅବ୍ଦୁଲମାଜିଦ୍ କୁଦିଏଭ୍‌ଙ୍କୁ ୧୦–୯ରେ ହରାଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ମ୍ୟାଚ୍‌ରେ ଏକ ସମୟରେ ସୁଜିତ୍ ୨–୯ରେ ପଛୁଆ ଚାଲିଥିଲେ, କିନ୍ତୁ ଶେଷ ଦୁଇ ମିନିଟରେ ସେ ଏଭଳି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କଲେ ଯେ ସମ୍ପୂର୍ଣ୍ଣ ମ୍ୟାଚ୍‌ର ମୋଡ଼ ବଦଳି ଯାଇଥିଲା।

ପ୍ରଥମ ରାଉଣ୍ଡ ପରେ ସୁଜିତ୍ ୨–୪ ରେ ପଛରେ ଥିଲେ। ଦ୍ୱିତୀୟ ରାଉଣ୍ଡରେ ତାଜିକିସ୍ତାନର କୁସ୍ତିଯୋଦ୍ଧା ନିଜର ଅଗ୍ରଣୀକୁ ଆହୁରି ମଜଭୁତ କରିଥିଲେ ଏବଂ ଏକ ସମୟରେ ସ୍କୋର ୯–୨ ହୋଇଯାଇଥିଲା। ସୁଜିତ୍‌ଙ୍କ ହାତରୁ ମ୍ୟାଚ୍ ପ୍ରାୟତଃ ଖସିଯାଉଥିବା ପରି ମନେହେଉଥିଲା। ସୁଜିତ୍ କିନ୍ତୁ ହାର ମାନିନଥିଲେ ଏବଂ ଶେଷ ଦୁଇ ମିନିଟରେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଚାରିଟି ଟେକଡାଉନ୍ କରିଥିଲେ ଏବଂ ପ୍ରତ୍ୟେକ ଟେକଡାଉନ୍‌ରୁ ଦୁଇ–ଦୁଇ ଅଙ୍କ ହାସଲ କରିଥିଲେ। ଏହିପରି ଭାବେ ସେ ୨–୯ ସ୍କୋରରୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌କୁ ୮–୯ ସ୍ଥିତିକୁ ନେଇ ଆସିଥିଲେ। ଏହାପରେ ମ୍ୟାଚ୍‌ରେ ଖୁବ୍ କମ୍ ସମୟ ବାକି ରହିଥିଲା। ତାଜିକିସ୍ତାନର ପହିଲମାନଙ୍କ ପାଖରେ ଏକ ଅଙ୍କର ଅଗ୍ରଣୀ ଥିଲା।

ମ୍ୟାଚ୍‌ର ଶେଷ ୧୦ ସେକେଣ୍ଡରେ ସୁଜିତ୍ ଆଉ ଏକ ଟେକଡାଉନ୍ କରିଦେଇଥିଲେ। ଏହାସହିତ ତାଙ୍କୁ ଦୁଇ ଅଙ୍କ ମିଳିଥିଲା ଏବଂ ସ୍କୋର ୧୦–୯ ହୋଇଯାଇଥିଲା। ଏହିପରି ଭାବେ ସୁଜିତ୍ ୯–୨ରେ ପଛୁଆ ରହିବା ପରେ ମଧ୍ୟ ମ୍ୟାଚ୍‌କୁ ୧୦–୯ରେ ନିଜ ନାମରେ କରିନେଇଥିଲେ। ଏହି ବିଜୟ ସୁଜିତ୍‌ଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ଚାପ ସମୟରେ ତାଙ୍କର ଧୈର୍ଯ୍ୟ ଏବଂ ସଠିକ୍ ସମୟରେ ଆଟାକ୍ କରିବାର କ୍ଷମତାର ଏକ ଶ୍ରେଷ୍ଠ ଉଦାହରଣ ଥିଲା।

ସୁଜିତ୍‌ଙ୍କ ସ୍ୱର୍ଣ୍ଣ ପଦକକୁ ଭାରତୀୟ କୁସ୍ତି ପାଇଁ ମଧ୍ୟ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ସେ ୬୫ କିଲୋଗ୍ରାମ ବର୍ଗରେ ଭାରତକୁ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ସୁଜିତ୍ କଲକଲ୍ ହରିୟାଣାର ଚରଖି ଦାଦ୍ରିର ବାସିନ୍ଦା ଏବଂ ୫ ନଭେମ୍ବର ୨୦୦୨ରେ ତାଙ୍କର ଜନ୍ମ ହୋଇଥିଲା। କୁସ୍ତି ପାଇଁ ତାଙ୍କୁ ପ୍ରାରମ୍ଭିକ ପ୍ରେରଣା ନିଜ ପିତା ଦୟାନନ୍ଦ କଲକଲ୍‌ଙ୍କଠାରୁ ମିଳିଥିଲା, ଯିଏ କି ଜଣେ ଜାତୀୟ ସ୍ତରର ପହିଲମାନ ଥିଲେ। ସୁଜିତ୍ ୬୫ କିଲୋଗ୍ରାମ ବର୍ଗରେ ଲଗାତାର ଭଲ ପ୍ରଦର୍ଶନ ବଳରେ ଭାରତୀୟ ଦଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଭାର ବର୍ଗରେ ସେ ଅଣ୍ଡର–୨୦ ଏବଂ ଅଣ୍ଡର–୨୩ ସ୍ତରରେ ଏସିଆନ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୫ରେ ସେ ସର୍ବିଆର ନୋଭି ସାଦ୍‌ଠାରେ ଅଣ୍ଡର–୨୩ ବିଶ୍ୱ ଚାମ୍ପିଅନସିପ୍‌ର ସ୍ୱର୍ଣ୍ଣ ମଧ୍ୟ ଜିତିଥିଲେ। ଫାଇନାଲରେ ସେ ଉଜବେକିସ୍ତାନର ଉମିଦଜୋନ୍ ଜଲୋଲୋଭ୍‌ଙ୍କୁ ୧୦–୦ରେ ପରାସ୍ତ କରିଥିଲେ। ୨୦୨୬ରେ ସୁଜିତ୍ ସିନିୟର ଏସିଆନ୍ ଚାମ୍ପିଅନସିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ଗ୍ରାଁ ପ୍ରି ଏବଂ ରାଙ୍କିଂ ସିରିଜ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବର୍ତ୍ତମାନ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ସହ ସୁଜିତ୍ ସିନିୟର ସ୍ତରରେ ନିଜର ସଫଳତା ତାଲିକାରେ ଆଉ ଏକ ବଡ଼ ପଦକ ଯୋଡ଼ିଛନ୍ତି।

# ବକ୍ସିଂରେ ପରଭୀନ ହୁଡ୍ଡା ଜିତିଲେ ସ୍ୱର୍ଣ୍ଣ ପଦକ

**ଆଇଚି**

ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ବକ୍ସିଂରେ ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ମିଳିଛି। ମହିଳା ୬୫ କିଲୋଗ୍ରାମ ବର୍ଗର ଫାଇନାଲରେ ଭାରତର ପରଭୀନ ହୁଡ୍ଡା ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିତିଛନ୍ତି। ସେ ଫାଇନାଲରେ ଚାଇନିଜ୍ ତାଇପେର ଚେନ୍ ନିଏନ୍–ଚିନ୍‌ଙ୍କୁ ୩–୨ର ସ୍ପ୍ଲିଟ୍ ନିଷ୍ପତ୍ତିରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ପରଭୀନ ପ୍ରଥମ ରାଉଣ୍ଡ ଜିତି ଚୀନ୍ ଖେଳାଳିଙ୍କ ଉପରେ ଚାପ ପକାଇ ଦେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଚେନ୍ ନିଏନ୍–ଚିନ୍ କମ୍‌ବ୍ୟାକ୍ କରି ବିଜୟ ହାସଲ କରିଥିଲେ। ତେବେ ତୃତୀୟ ରାଉଣ୍ଡରେ ପରଭୀନ ନିଜର ପରାକ୍ରମ ଦେଖାଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ମ୍ୟାଚ୍‌ର ଆରମ୍ଭ ବହୁତ ଜବରଦସ୍ତ ଥିଲା। ଉଭୟ ଖେଳାଳି ବେଶ୍ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିଲେ। ପରଭୀନ ହୁଡ୍ଡା ଚୀନ୍ ଖେଳାଳିଙ୍କୁ ଜମାରୁ ସୁଯୋଗ ଦେଇନଥିଲେ। ସେ ଚମତ୍କାର କାଉଣ୍ଟର ପଞ୍ଚ୍ ମାରି ଅଗ୍ରଣୀ ହାସଲ କରିଥିଲେ। ଚେନ୍ ନିଏନ୍–ଚିନ୍ କିଛି ଶକ୍ତ ଜ୍ୟାବ୍ (ହବଭ) ମାରିଥିଲେ ମଧ୍ୟ ସେଥିରେ କିଛି ଫରକ ପଡ଼ି ନ ଥିଲା। ପରଭୀନ କାଉଣ୍ଟର ଆଟାକ୍ କରି ଏହାର କଡ଼ା ଜବାବ ଦେଇଥିଲେ। ପ୍ରଥମ ରାଉଣ୍ଡକୁ ପରଭୀନ ଦମଦାର ଶୈଳୀରେ ନିଜ ନାମରେ କରିଥିଲେ।

ଦ୍ୱିତୀୟ ରାଉଣ୍ଡର ଆରମ୍ଭ ମଧ୍ୟ ପରଭୀନ ସଠିକ୍ ଢଙ୍ଗରେ କରିଥିଲେ। ସେ ରିଙ୍ଗ୍ ଭିତରେ ନିଜର ଦବ୍‌ଦବା ବଜାୟ ରଖିଥିଲେ। ପରଭୀନ କିଛି ବଡି ଶଟ୍ସ ମାରି ଚେନ୍ ନିଏନ୍–ଚିନ୍‌ଙ୍କୁ ଚକିତ କରିଦେଇଥିଲେ। ତେବେ ଏହି ରାଉଣ୍ଡରେ ଚେନ୍ ନିଏନ୍–ଚିନ୍ ଧମାକେଦାର କମବ୍ୟାକ୍ କରିଥିଲେ। ସେ ଦ୍ୱିତୀୟ ରାଉଣ୍ଡକୁ ୧୦–୯ରେ ନିଜ ନାମରେ କରି ନେଇଥିଲେ।



ନିର୍ଣ୍ଣାୟକ ରାଉଣ୍ଡରେ ଚେନ୍ ନିଏନ୍–ଚିନ୍ ବହୁତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ସେ ଖୁବ୍ ଦ୍ରୁତ ଗତିରେ ପଞ୍ଚ୍ ମାରିଥିଲେ। କିନ୍ତୁ ପରଭୀନ ଧୈର୍ଯ୍ୟ ଓ ସାହସର ସହ କାମ କରିଥିଲେ। ସେ ଚେନ୍‌ଙ୍କ ସାମ୍ନାରେ ଜମାରୁ ମଥାନତ କରି ନ ଥିଲେ। ସେ କାଉଣ୍ଟର ପଞ୍ଚ୍‌ଗୁଡ଼ିକ ଜରିଆରେ ଏହାର କଡ଼ା ଜବାବ ଦେଇଥିଲେ। ପରଭୀନ ତୃତୀୟ ରାଉଣ୍ଡର ଶେଷ ମୁହୂର୍ତ୍ତରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଚେନ୍‌ଙ୍କୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲେ ଏବଂ ଶେଷରେ ଫାଇନାଲକୁ ୩–୨ରେ ଜିତି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିନେଇଥିଲେ।

# କ୍ଲାପ୍ ତରଫରୁ ନୂତନ ଫୌଜଦାରୀ ଆଇନ୍ ସମ୍ପର୍କରେ ତାଲିମ୍ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ**

ଆଇନ୍ ସେବା ସଂସ୍ଥା କ୍ଲାପ୍ କଟକ ଆନୁକୂଲ୍ୟରେ ଓ ଆଇନ୍ ସେବା ପ୍ରାଧୀକରଣ ସହଯୋଗରେ ଭାରତର ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନିଗୋଟି ଫୌଜଦାରୀ ଆଇନ୍ ଭାରତୀୟ ନ୍ୟାୟସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ–୨୦୨୩ ସମ୍ପର୍କରେ ଏକ ଦିନିକିଆ ତାଲିମ୍ କାର୍ଯ୍ୟକ୍ରମ କ୍ଲାପ୍‌ର ନିର୍ଦ୍ଦେଶକ ବିଜୟଶ୍ରୀ ବାରିକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାପଡ଼ା ଜିଲ୍ଲାକୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ବିଚାରପତି ବିଷ୍ଣୁଦେବ ଜେନା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ରମଣୀରଂଜନ ରାଉତରାୟ, ଡଃ. ସଦାନନ୍ଦ ବାଗ, ଚନ୍ଦ୍ରଦେବ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଚାରପତି ଶ୍ରୀ ଜେନା, ପାରାଲିଗାଲ୍‌ମାନଙ୍କର ଭୂମିକା ଏବଂ ତିନୋଟି ନୂତନ ଫୌଜଦାରୀ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗାକୁଳ ରଂଜନ ଦାସ ପାରାଲିଗାଲ୍ ମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ବିଜୟଶ୍ରୀ ବାରିକ, ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ପାରାଲିଗାଲ୍ ଭଲ୍ୟୁରେ ଯୋଗ ଦେଇଥିଲେ।



# ସିପକ୍‌ଟାକ୍ରରୁ ଭାରତକୁ କାଂସ୍ୟ



**ନାଗୋୟା**

ଭାରତୀୟ ପୁରୁଷ କ୍ୱାଡ୍ରାଣ୍ଟ ଦଳ ଚଳିତ ଏସୀୟ କ୍ରୀଡ଼ା ସିପକ୍‌ଟାକ୍ରରେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଆକାଶ ୟୁମ୍‌ନାମ, ବବି କୁମାର, ମାଲେମଙ୍ଗାନ୍‌ବା ସିଂହ ସୋରୋଖାଇବାମ ଓ ରାମ କୁମାର ଶର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୨–୧୫, ୧୩–୧୫ରେ ଜାପାନଠୁ ହାରି ସ୍ୱର୍ଣ୍ଣ ଦୌଡ଼ରୁ ବାଦ୍ ପଡ଼ିବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ଏହି ଇଭେଣ୍ଟ୍‌ରେ ଭାରତର ଏହା ଏସୀୟ କ୍ରୀଡ଼ାରେ ତୃତୀୟ ଏବଂ ଚଳିତ ପ୍ରତିଯୋଗିତାର ପ୍ରଥମ ପଦକ। ଏସୀୟ କ୍ରୀଡ଼ା ଇତିହାସରେ ଭାରତୀୟ କ୍ୱାଡ୍ରାଣ୍ଟ ଦଳର ଏହା ପ୍ରଥମ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତାରେ ପୁରୁଷ ଏବଂ ୨୦୨୩ ହାଙ୍ଗ୍‌ଝେରେ ମହିଳା ରେଗୁ ଦଳ କାଂସ୍ୟ ଜିତିଥିଲେ।

# ମହିଳା ଡିନ୍‌ଘିରେ କାଂସ୍ୟ ପଦକ ହାତେଇଲ ନେତ୍ରା କୁମାନନ୍

**ଆଇଚି**

ଭାରତର ନେତ୍ରା କୁମାନନ୍ ଶୁକ୍ରବାର ଚଳିତ ଏସୀୟ କ୍ରୀଡ଼ା ସେଲିଂ ମହିଳା ଡିନ୍‌ଘିରେ କାଂସ୍ୟ ପଦକ ଜିତିଛନ୍ତି। ଚତୁର୍ଥ ଥର ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାଗନେଇଥିବା ନେତ୍ରା ପ୍ରଥମ ଥର ପୋଡିୟମ୍ ଫିନିସ୍ କରିଛନ୍ତି। ୨ ଥରର ଅଲିମ୍ପିଆନ୍ ଏହି ୨୯ ବର୍ଷୀୟା ଚେନ୍ନାଇ ଯୁବତୀ ମୋଟ ଉପରେ ୧୪ ପଏଣ୍ଟ୍ (୭ ଫାଇନାଲ୍ ଓ ୭ ଯୋଗ୍ୟତା ରେସ୍) ପାଇ ତୃତୀୟ ସ୍ଥାନରେ ରହିଥିଲେ।



ତାଙ୍କ ଆଗରେ ଥାଇଲାଣ୍ଡର ସୋଫିଆ ମୋଣ୍ଟଗୋମେରି (୫ ପଏଣ୍ଟ) ଏବଂ ସିଙ୍ଗାପୁରର ଜାନିଆ ଆଙ୍ଗ୍ (୧୩ ପଏଣ୍ଟ) ରହି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଥିଲେ। ତେବେ ପୁରୁଷ ବର୍ଗରେ ଅଲିମ୍ପିଆନ୍ ତଥା ଗତ ସଂସ୍କରଣ କାଂସ୍ୟ ବିଜେତା ବିଷ୍ଣୁ ସରବାନନ୍ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। ଗତ କାଲି ସେଲିଂରୁ ୨ଟି (ରୌପ୍ୟ ଓ କାଂସ୍ୟ) ଆସିଥିଲା। ସ୍କିଫ୍ ପୁରୁଷରେ ମନୁ ଫ୍ରାନ୍‌ସିସ୍ ଓ କୁରିସିନଙ୍କଲ ନେବଲେ ରୌପ୍ୟ ଏବଂ ମହିଳାରେ ହର୍ଷିତା ତୋମର ଓ ଶୀତଲ ବର୍ମା କାଂସ୍ୟ ପଦକ ଜିତିଥିଲେ।

# ରାଜ୍ୟସ୍ତରୀୟ ବକ୍ସିଂରେ ସ୍ୱର୍ଣ୍ଣ ଜିତିଲେ ଛାତ୍ରୀ ମିକି ବେହେରା

**ଛତ୍ରପୁର**

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ୍‌ରେ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ବକ୍ସିଂ ଚାମ୍ପିଅନସିପ୍‌ରେ ଛତ୍ରପୁର ଅନସ୍ଲୋ ସରକାରୀ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ମିକି ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଣ୍ଡର–୧୭ ବାଳିକା ବର୍ଗର ୪୮–୫୦ କିଲୋଗ୍ରାମ ଓଜନ ବର୍ଗରେ ସେ ଏହି ସଫଳତା ହାସଲ କରିବା ସହ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ମିକି ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ନାଉଳି ଗ୍ରାମର ବୁଲୁ ବେହେରାଙ୍କ ଝିଅ। ତାଙ୍କ ଏହି ସଫଳତା ପାଇଁ ବିଇଓ ସୁଚିତ୍ରା ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ–ଶିକ୍ଷୟିତ୍ରୀ, ସହପାଠୀ ଓ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।



# ୟୋନେକ୍ସ–ସନରାଇଜ୍ ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘ ପକ୍ଷରୁ ସମ୍ବଲପୁର ଜିଲ୍ଲା ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍ ବିଜୁ ପଟ୍ଟନାୟକ ମଲ୍ଟି ପରପଜ ଇଣ୍ଡୋର ଷ୍ଟାଡିଅମ, ବୁର୍ଲା ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ସଚିବ ପ୍ରଫେସର ଡ. ଦେବେନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ଡ. ଅବିନାଶ କର, ଓଏସବିଏର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଶୁଭମ ଶର୍ମା, ଡେଭେଲପମେଣ୍ଟ କମିଟି ସଦସ୍ୟ ସନ୍ଦୀପ ମିଶ୍ର, ଜିଲ୍ଲା ବ୍ୟାଡ଼ମିଣ୍ଟନ ସଂଘର ଉପସଭାପତି ପ୍ରବୀଣ ବେହେରା, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଅଭିଶେକ ବିଶ୍ୱାସ ଓ ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ରେଫରୀ ଲକ୍ଷପତି ନନ୍ଦ ମଞ୍ଚାସୀନ ଥିଲେ।




ଜାତୀୟ ସ୍ତରୀୟ ଅମ୍ପାୟାର ଟିକେଶ୍ୱର ସାହୁଙ୍କର ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅତିଥିମାନେ ଆଜିର ଦିନରେ ଖେଳ ବିଶେଷ ଭାବରେ ବ୍ୟାଡ଼ମିଣ୍ଟନ କ୍ରୀଡ଼ା ପ୍ରତି ନୂତନ ପିଢ଼ିର ଶିଶୁମାନଙ୍କର ଆଗ୍ରହକୁ ଭୂୟସୀ ପ୍ରଶଂସା କରିବା ସହ ମାନସିକ ସ୍ତରରେ ବିକାଶ ପାଇଁ କ୍ରୀଡ଼ା ସହ ନିଜକୁ ସାମିଲ ହେବା ଜରୁରୀ ବୋଲି କହିଥିଲେ। ଆଜିର ଦିନରେ ବ୍ୟାଡ଼ମିଣ୍ଟନ ପ୍ରତି ଶିଶୁମାନେ ଆଗ୍ରହ ପ୍ରକାଶ କରିବା ଓ ଅଭିଭାବକମାନେ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଖୁସିର ବିଷୟ ବୋଲି ମୁଖ୍ୟ ଅତିଥି ଡ. ମହାଲିକ କହିଥିଲେ। ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କର ପୂଜାର୍ଚ୍ଚନା ପରେ ଚାମ୍ପିଅନସିପ୍ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ହୀରାକୁଦ, ରେଢ଼ାଖୋଲ, ରେଙ୍ଗାଲି, ବୁର୍ଲା ଓ ସମ୍ବଲପୁରର ୨୩୨ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏଥିରେ ବାଳକ ଓ ବାଳିକା ବିଭାଗର ୯, ୧୧,୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ଖେଳାଳିମାନେ ଭାଗ ନେଇଛନ୍ତି। ଏଥିସହ ସିନିଅର ବିଭାଗରେ ମଧ୍ୟ ସିଙ୍ଗିଲ୍ସ, ଡବଲ୍ସ ଓ ମିକ୍ସ ଡବଲ୍ସ ମ୍ୟାଚ୍‌ଗୁଡିକ ଖେଳାଯିବ। ସୂଚନା ଯୋଗ୍ୟ ଯେ, ଏହି ଚାମ୍ପିୟାନସିପ ଅକ୍ଟୋବର ୨,୩,ଓ ୪, ତିନିଦିନ ବ୍ୟାପୀ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ।

ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ବ୍ୟାଡ଼ମିଣ୍ଟନ ସଂଘର ସ୍ୱୀକୃତି ପ୍ରାପ୍ତ ଅମ୍ପାୟାର ଟିକେଶ୍ୱର ସାହୁ, ସୌମିତ୍ରୀ ପ୍ରସାଦ ଦାସ, ବବୁଲୁ ସାହୁ, ମଣି ବେଜି, ହେମାନନ୍ଦ ଥପା, ସୂର୍ଯ୍ୟ ପାଣିଗ୍ରାହୀ, ନୀଳାଞ୍ଚଳ ସେଠୀ, ବବୁଲୁ ପ୍ରଧାନ, ସନ୍ଦୀପ ନାୟକ, ତପୁନ ସାହୁ, ସ୍ୱରାଜ ସିଂ ଛୁରିଆ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିସହ ଶଶାଙ୍କ ଶେଖର ଜେନା, ସୁରଜ ପଟ୍ଟନାୟକ ଓ ପ୍ରଜ୍ୱଳିତ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା

**ବାଲେଶ୍ୱର, ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ ଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ କବାଡ଼ି ପ୍ରତିଯୋଗିତା–୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।



ମହିଳା ବିଭାଗରେ ରେମୁଣା ଡିଗ୍ରୀ ମହାବିଦ୍ୟାଳୟ, ପି.ଜି. ପରିଷଦ- ଫକୀରମୋହନ ବିଶ୍ୱବିଦ୍ୟାଳୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା ମହାବିଦ୍ୟାଳୟ, ଚାନ୍ଦବାଲି ମହାବିଦ୍ୟାଳୟ ଓ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ବରିକପୁର ସମେତ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ବାରିକପୁର ବିଜେତା ହୋଇଥିବାବେଳେ ପି.ଜି. ପରିଷଦ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଦଳ ଉପବିଜେତା ହୋଇଥିଲା।

ପୁରୁଷ ବିଭାଗରେ ଚରମ୍ପା ମହାବିଦ୍ୟାଳୟ, କମର୍ଦ୍ଦା ମହାବିଦ୍ୟାଳୟ, ଏସ୍.ଆର. ମହାବିଦ୍ୟାଳୟ, ବାଲିଆପାଳ, ପି.ଜି. ପରିଷଦ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବି.ସି.ପି.ଇ., ବାଲିଆପାଳ, ରେମୁଣା ଡିଗ୍ରୀ ମହାବିଦ୍ୟାଳୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର ଏବଂ ଆର.ଆଇ.ଏଚ୍.ଏସ୍., ଭୋଗରାଇର ୯ଟି ଦଳ ଅଂଶଗ୍ରହଣ କରିଥିଲେ। ବି.ସି.ପି.ଇ., ବାଲିଆପାଳ ବିଜେତା ହୋଇଥିବା ବେଳେ ଏସ୍.ଆର. ମହାବିଦ୍ୟାଳୟ, ବାଲିଆପାଳ ଉପବିଜେତା ହୋଇଥିଲା।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ ଓ ଏହାର ଅଧିଭୁକ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମଞ୍ଚ ପ୍ରଦାନ କରିଥିଲା।

ଏହା ମାଧ୍ୟମରେ ଦଳଗତ ଭାବନା, ଶୃଙ୍ଖଳା, ନେତୃତ୍ୱ ଗୁଣ ଓ ଶାରୀରିକ ସୁସ୍ଥତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବା ସହ ଆନ୍ତଃମହାବିଦ୍ୟାଳୟ କ୍ରୀଡ଼ା ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ପ୍ରୟାସ ଭାବେ ପରିଗଣିତ ହୋଇଅଛି।

ଉଦ୍‌ଯାପନୀ ସମାରୋହରେ ପି.ଜି. ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ପରୀକ୍ଷା ନିୟନ୍ତ୍ରକ କାର୍ଯ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ମିଶ୍ର, ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ, କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା, ଡ. ଅସୀମ ଅମିତାଭ ପ୍ରଧାନ, ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବିଶୋଇ, ସହକାରୀ ପ୍ରାଧ୍ୟାପକ ଦେବରାଜ ପାଲ ଏବଂ କନିଷ୍ଠ ସହାୟକ ପୁଷ୍ପା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳ ଆୟୋଜନ ମାଧ୍ୟମରେ ଶିକ୍ଷା ସହ କ୍ରୀଡ଼ା, ଶାରୀରିକ ସୁସ୍ଥତା, ଦଳଗତ ଭାବନା, ଶୃଙ୍ଖଳା ଓ ଚରିତ୍ର ଗଠନକୁ ସମନ୍ୱିତ କରି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରୟାସ ପ୍ରମାଣିତ ହୋଇପାରିଛି।



# ମା' ବିରଜାଙ୍କ ଦୁର୍ଗାପୂଜା ଓ ରଥଯାତ୍ରାର ସବିଶେଷ କାର୍ଯ୍ୟନିର୍ଘଣ୍ଟ

ଯାଜପୁର, ନ୍ୟୁଜ ବ୍ୟୁରୋ

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦୁର୍ଗାପୂଜା ଓ ରଥଯାତ୍ରା–୨୦୨୬ ଅବସରରେ ପୂଜା ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ଘଣ୍ଟ ପ୍ରକାଶ କରାଯାଇଛି । ଭକ୍ତ ଓ ସାଧାରଣ ଜନତାଙ୍କ ଅବଗତି ନିମନ୍ତେ ଏହି ପୂଜା କାର୍ଯ୍ୟକ୍ରମ ର ବ୍ୟାପକ ପ୍ରଚାର-ପ୍ରସାର କରାଯିବ।



ମା' ବିରଜା ମନ୍ଦିର ପକ୍ଷରୁ ପ୍ରକାଶିତ ଦୁର୍ଗାପୂଜା ଓ ରଥଯାତ୍ରା ୨୦୨୬ ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଯାୟୀ ମା' ବିରଜା ଙ୍କ ର ପାର୍ବଣ ଉତ୍ସବ ଶୁଭସୁନିଆଁ ଠାରୁ ସିଂହଧ୍ୱଜ ରଥ ନିର୍ମାଣ ଶୁଭାରମ୍ଭ ହୋଇଛି । ମୂଳାଷ୍ଟମୀ ରେ ମା' ବିରଜା ଙ୍କ ର ଶାରଦୀୟ ଷୋଡ଼ଶଦିବସୀୟ ପୂଜା ଆରମ୍ଭ କରାଯାଇ ଆସନ୍ତା ୧୦ ତାରିଖ ଶନିବାର ମହାଳୟା ଅମାବାସ୍ୟା ରେ ନାଭିଗୟା ରେ ପିତୃଶ୍ରାଦ୍ଧ ହେବା ସହ ସିଂହଧ୍ୱଜ ରଥାଧିବାସ ଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେବ। ରବିବାର ଦିନ ମା' ବିରଜା ଙ୍କ ସିଂହଧ୍ୱଜ ରଥ ପ୍ରତିଷ୍ଠା ପରେ ମା' ଙ୍କ ବିଗ୍ରହ ରଥାରୋହଣ କରି ବେଢା ପରିକ୍ରମା କରିବେ। ଏହା ପରେ ସୋମବାରରୁ ବୁଧବାର ଅପରାହ୍ନ ଚାରିଟାରୁ ରଥ ଚାଳନା ହେବ। ଗୁରୁବାର ମା' ବିରଜାଙ୍କ ପଞ୍ଚମୀ ମହାସ୍ନାନ ସହ ସୁନାବେଶ ହେବ । ଏହା ପରେ ଆସନ୍ତା ୧୮ ତାରିଖ ରବିବାର ଦିନ ମା ବିରଜା ଙ୍କ ମହାଷ୍ଟମୀ ଉପଲକ୍ଷେ ଯଜ୍ଞାନୁଷ୍ଠାନ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ସୋମବାର ଦିନ ମହାନବମୀ ଅବସର ରେ ବିଳମ୍ବିତ ରାତିରେ ମା ରଥ ରୁ ଅବତରଣ କରି ଲାଖବିନ୍ଧା ନୀତି ଅନୁଷ୍ଠିତ ହେବ। ମଙ୍ଗଳବାର ଦିନ ମା' ବିରଜା ଙ୍କର ବିଜୟା ଦଶମୀ ଅନୁଷ୍ଠିତ ହେବ। ମା ବିରଜାଙ୍କ ଏହି ପାର୍ବଣ ଉତ୍ସବକୁ ଆସୁଥିବା ଭକ୍ତବୃନ୍ଦ ତଥା ଜନସାଧାରଣ ପୂଜାର ବିଭିନ୍ନ କାର୍ଯ୍ୟକ୍ରମ ଓ ସମୟସୂଚୀ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମା ବିରଜା ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ସୂଚନା ପ୍ରଦାନ କରିଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚାଲିଥିବା ସ୍ୱଚ୍ଛତା ହି ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ ପୂର୍ବ ତଟ ରେଳପଥ ପକ୍ଷରୁ ଆଜି ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯାଇଛି । ଏହି ଅବସରରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ରେଳ ହାଉସ୍ ଗେଟ୍ ଠାରୁ ରେଳ କୁଞ୍ଜ କଲୋନୀ ଦେଇ ରେଳ ସଦନ ପର୍ଯ୍ୟନ୍ତ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର




ସହିତ ଯୋଗଦେଇ ସ୍ୱଚ୍ଛତା ଏବଂ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଭାତ ଫେରୀ ପରେ ରେଳ ସଦନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ପରିବେଶ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସ୍ୱଚ୍ଛତା ଶପଥ ଓ ସ୍ୱଚ୍ଛତା ପରିଚର୍ଚ୍ଚା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ। ପୂର୍ବ ତଟ ରେଳପଥରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସ୍ୱଚ୍ଛତା ପକ୍ଷ' ପାଳନ କରାଯାଉଥିବାବେଳେ ଏହା ସହିତ ସମକାଳୀନ ଭାବେ ସ୍ୱଚ୍ଛ ଭାରତ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏହି ଅଭିଯାନରେ ସ୍ୱଚ୍ଛତା, ଜନସହଭାଗିତା, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ଥାୟୀ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ରେଳ କର୍ମଚାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତୀୟ ମହିଳା...

ଅନ୍ୟପକ୍ଷରେ, କୋରିଆକୁ ପରାସ୍ତ କରି ଜାପାନ ବ୍ରୋଞ୍ଜ ପଦକ ହାସଲ କରିଛି। ଶନିବାର ହକିରେ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବାର ସମ୍ଭାବନା ରହିଛି। ଭାରତୀୟ ପୁରୁଷ ଦଳ ଫାଇନାଲରେ ମାଲେସିଆ ବିପକ୍ଷରେ ଖେଳିବ। ଏହା ସମ୍ଭବତଃ ଭାରତ ପାଇଁ ହକିରେ ଦୁଇଟି ସ୍ୱର୍ଣ୍ଣ ପଦକ ଆଣିଦେଇପାରେ।

## ଅଭିନନ୍ଦନ ଜଣାଇଲେ...

ଏହା ଉତ୍କୃଷ୍ଟ କ୍ରୀଡ଼ା କୌଶଳ ଓ ଦଳଗତ ପ୍ରୟାସର ଫଳ। ସେମାନଙ୍କ ଦୃଢ଼ ସଂକଳ୍ପ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟକ। ଦଳର ଆଗାମୀ ପ୍ରୟାସ ପାଇଁ ମୋର ଶୁଭକାମନା। ଏହି ସଫଳତା ସମଗ୍ର ଦେଶରେ ହକିର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ ବୋଲି ଆଶା କରୁଛି।"

## ନୂତନ ଯୋଗ୍ୟ...

ନିରନ୍ତର ପ୍ରକ୍ରିୟା ଏବଂ କେବଳ ଏସ୍ଆଇଆର୍ ଗଣନା ସମୟରେ ସାମିଲ ହୋଇନାହାନ୍ତି ବୋଲି କୌଣସି ଯୋଗ୍ୟ ନାଗରିକଙ୍କୁ ପଞ୍ଜିକରଣ ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଇସିଆଇ ସ୍ପଷ୍ଟ କରିଛନ୍ତି।

ଏହି କାର୍ଯ୍ୟକ୍ରମ ଅଧୀନରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ବର୍ତ୍ତମାନର ଭୋଟର ତାଲିକାକୁ ଏସ୍ଆଇଆର୍ ପୂର୍ବର ତାଲିକା ସହ ତୁଳନା କରିବେ ଏବଂ ତାଲିକାରୁ ବାଦ ଦିଆଯାଇଥିବା ଭୋଟରଙ୍କ ବୁଥୱାରୀ ତାଲିକା ପ୍ରସ୍ତୁତ କରିବେ। ଏହାପରେ ସେମାନେ ଘରକୁ ଘର ବୁଲି ଯାଞ୍ଚ କରି ଏହି ଭୋଟରଙ୍କ ବର୍ତ୍ତମାନର ସ୍ଥିତି ନିଶ୍ଚିତ କରିବେ ଏବଂ ଯୋଗ୍ୟ ବିବେଚିତ ହେଲେ ଫର୍ମ-୬ ଜରିଆରେ ସେମାନଙ୍କ ନାମ ପଞ୍ଜିକରଣ କରାଇବେ। ପ୍ରତ୍ୟେକ ବିଏଲ୍ଓ ସପ୍ତାହକୁ ଅତିକମରେ ୨୦-୨୫ ଜଣ ବାଦ ପଡ଼ିଥିବା ଭୋଟରଙ୍କ ନିକଟରେ ପହଞ୍ଚିବାକୁ କୁହାଯାଇଛି ଏବଂ ଏହି ଯାଞ୍ଚ ପ୍ରକ୍ରିୟା ଗୋଟିଏ ମାସ ମଧ୍ୟରେ ଶେଷ ହେବାର ଆଶା କରାଯାଉଛି। ଏହି ଗସ୍ତ ସମୟରେ ବିଏଲ୍ଓମାନେ ବାଦ ପଡ଼ିଥିବା ଯୋଗ୍ୟ ଭୋଟର, ପ୍ରଥମ ଥର ଭୋଟର ଓ ଯୁବ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ପଞ୍ଜିକରଣରେ ସହାୟତା କରିବେ। ଏହାସହ ଫର୍ମ-୬ ଆବେଦନ କରିଥିବା ବ୍ୟକ୍ତିଙ୍କ ସମେତ ଚିହ୍ନଟ ପ୍ରତ୍ୟେକ ଭୋଟରଙ୍କ ସ୍ଥିତି ରେକର୍ଡ କରାଯିବ। ଏହି ବୁଥୱାରୀ ତାଲିକାକୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ବୁଥ୍ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ଏବଂ ସମ୍ପୃକ୍ତ ଇଆରଓଙ୍କ ସହ ସେୟାର କରାଯିବ। ଇଆରଓମାନେ କ୍ଷେତ୍ର ଯାଞ୍ଚ ରିପୋର୍ଟ ସହ ଫର୍ମ-୬ ଆବେଦନଗ୍ରହଣ କରିବେ ଏବଂ ଲୋକପ୍ରତିନିଧି ଆଇନ, ୧୯୫୦ ଓ ଭୋଟର ପଞ୍ଜୀକରଣ ନିୟମାବଳୀ, ୧୯୬୦ ଅଧୀନରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ରାଜ୍ୟ ସରକାର...

ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ତୀବ୍ର ସମାଲୋଚନା କରିଛନ୍ତି। ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୫୨ ସ୍ଥିତ ରାଜାପଡ଼ିଆ ଠାରେ ଆୟୋଜିତ ସମାବେଶରେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ବିଜୁ ଜନତା ଦଳର ସଭାପତି ଶ୍ରୀ ପଟ୍ଟନାୟକ ଏହି ପଦଯାତ୍ରାର ଶୁଭାରମ୍ଭ କରି ସମାବେଶକୁ ସମ୍ବୋଧିତ କରିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା ଓ ଭଲ କାମ ପାଇଁ ସର୍ବଦା ଲୋକଙ୍କ ହୃଦୟରେ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ହୃଦୟରେ ରହିବ । ଓଡ଼ିଶା ବର୍ତ୍ତମାନ ଏକ କଠିନ ସମୟ ଦେଇ ଗତି କରୁଛି । ସରକାର ନିଜକୁ ଲୋକଙ୍କ ସରକାର ବୋଲି କହୁଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଶୁଣୁ ନାହାନ୍ତି । ପିଲାମାନଙ୍କ ପାଖରେ ପାଠ୍ୟପୁସ୍ତକ ନାହିଁ, ବୟସ୍କ ଲୋକମାନେ ପେନସନ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ମା'ମାନେ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି । ରାଜ୍ୟ ସରକାର ମହାପ୍ରଭୁଙ୍କ ରଥଯାତ୍ରାକୁ ମଧ୍ୟ ଠିକ୍ ଭାବେ ପରିଚାଳନା କରିପାରିଲେ ନାହିଁ । ବନ୍ୟା ବିପନ୍ନଙ୍କୁ ରିଲିଫ୍ ପ୍ରଦାନ, ଧାନ କିଣା, ନିଯୁକ୍ତି ପରୀକ୍ଷା ଓ ଆର୍ଥିକ ପରିଚାଳନାରେ ଅବ୍ୟବସ୍ଥା ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି । ଓଡ଼ିଶାର ଖଣିଜ ସମ୍ପଦ ପ୍ରସଙ୍ଗରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କେନ୍ଦ୍ର ସରକାର ଖଣିଜ ସମ୍ପଦ ଉପରେ ଥିବା ଓଡ଼ିଶାବାସୀଙ୍କ ଅଧିକାରକୁ ଛଡ଼ାଇ ନେଇଛନ୍ତି । ଏହି ପ୍ରସଙ୍ଗରେ ଓଡ଼ିଶା ସରକାର ଏବଂ ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦମାନଙ୍କ ନିରବତା ସ୍ପଷ୍ଟ କରୁଛି ଯେ, ବିଜେପି ହେଉଛି ଲୋକ ବିରୋଧୀ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗ ଆସିଲେ ସେମାନେ ନିରବ ରହୁଥିବା ବେଳେ ଖଣି ମାଲିକ ମାନଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ ରହୁଛନ୍ତି ।

ସେହିପରି ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ଭୁଲ ରହିଛି, କିନ୍ତୁ ସରକାର ଏହି ତ୍ରୁଟିକୁ ସୁଧାରିବା ପରିବର୍ତ୍ତେ ଭୁଲ୍ ପରେ ଭୁଲ୍ କରିଚାଲିଛନ୍ତି । ସରକାରଙ୍କ ଏହି ଅକ୍ଷମଣୀୟ ଭୁଲ୍ ପାଇଁ ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ମାନେ ଚିନ୍ତାପ୍ରକଟ କରୁଛନ୍ତି । ରାଜ୍ୟରେ ରାଜସ୍ୱ ସଂଗ୍ରହ ହ୍ରାସ ପାଉଛି ଏବଂ ବଜେଟ୍‌ରେ ବ୍ୟୟବରାଦ ହୋଇଥିବା ଅର୍ଥକୁ ଠିକ୍ ଭାବେ ବିନିଯୋଗ କରାଯାଉନାହିଁ । ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଥିବା ବେଳେ ରାଜ୍ୟର ଋଣଭାର କ୍ରମାଗତ ଭାବେ ବୃଦ୍ଧି ପାଇବାକୁ ନେଇ ନାନା ପ୍ରଶ୍ନ ଉଠୁଛି ।

ବିଜୁ ବାବୁଙ୍କ ଆଦର୍ଶକୁ ଅନୁସରଣ କରି ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ କରିଆସିଛି । ଆଗାମୀ ଦିନରେ ଓଡ଼ିଶାର ଅଧିକାର, ସମ୍ମାନ ଓ ବିକାଶ ପାଇଁ ଦଳର ସଂଗ୍ରାମକୁ ଆହୁରି ତୀବ୍ର କରିବାକୁ ବିଜେଡି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ଶ୍ରୀ ପଟ୍ଟନାୟକ । ଏହି ଅବସରରେ ଆୟୋଜିତ ସମାବେଶକୁ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ମନ୍ମଥ ରାଉତରାୟ ସମ୍ବୋଧିତ କରିଥିଲେ । ମଞ୍ଜୁଲତା କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ...

ହୋଇପଡ଼ିଥିଲେ। ଭିଡିଓ କଲରେ କ୍ୟାପଟେନ ମଚ୍ଛାର କହିଛନ୍ତି ଯେ ଏକାଧିକ ଆଘାତ ପାଇବା ପରେ ସେ ନିଜେ ନିଜ ଜୀବନ ପାଇଁ ସଂଘର୍ଷ କରୁଛନ୍ତି, କିନ୍ତୁ ସେ ହୃଦୟଙ୍ଗମ କରିଛନ୍ତି ଯେ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କ ସୁରକ୍ଷା ପାଇଁ ମଧ୍ୟ ସେ ଦାୟୀ। ଏହି ସାହସ ସହିତ ସେ ଏକ ସଙ୍କଟ ସମୟରେ କାର୍ଯ୍ୟ କରିଥିଲେ ଏବଂ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପଚାରିଥିଲେ ଯେ ଏଭଳି ଜଟିଳ ପରିସ୍ଥିତିରେ ସେ ଏତେ ସାହସ କେଉଁଠାରୁ ପାଇଲେ, କ୍ୟାପଟେନ ମଚ୍ଛାର କହିଥିଲେ ଯେ ଯନ୍ତ୍ରଣା କିମ୍ବା କଠିନ ସମୟରେ ସେ ନିୟମିତ ଭାବରେ ହନୁମାନ ଚାଳିଶା ପାଠ କରନ୍ତି। ସେ କହିଛନ୍ତି ଯେ ଘଟଣା ସମୟରେ ମଧ୍ୟ ସେ କ୍ରମାଗତ ଭାବରେ ହନୁମାନ ଚାଳିଶା ପାଠ କରୁଥିଲେ ଏବଂ ବିଶ୍ୱାସ କରନ୍ତି ଯେ ଭଗବାନ ହନୁମାନ ତାଙ୍କୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସାହସ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ଭିଡିଓ କଲ ସମୟରେ କ୍ୟାପଟେନ ସ୍ମିତ ମଚ୍ଛାର ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ ଯେ ଦୁର୍ଘଟଣାରେ ଆହତ ହେବା ସତ୍ତ୍ୱେ ସେ ଧୈର୍ଯ୍ୟ ହରାଇ ନାହାଁନ୍ତି ଏବଂ ବିମାନର ଦ୍ୱାର ଖୋଲି ଯାତ୍ରୀଙ୍କ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କ୍ୟାପଟେନ୍ ସ୍ମିତ ତାଙ୍କ ଅଗ୍ନିପରୀକ୍ଷା ବର୍ଣ୍ଣନା କରିବା ସମୟରେ ଭାବବିହ୍ୱଳ ହୋଇଯାଇଥିଲେ ଏବଂ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ତାଙ୍କ କଥା ଶୁଣିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସାହସ ଏବଂ ଧୈର୍ଯ୍ୟକୁ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ କ୍ୟାପଟେନ ମଚ୍ଛାରଙ୍କ ସାହସ ଏବଂ ତ୍ୱରିତ ନିଷ୍ପତ୍ତି ଗ୍ରହଣକୁ ପ୍ରଶଂସା କରି କହିଥିଲେ ଯେ ସମଗ୍ର ଦେଶ ତାଙ୍କ ପାଇଁ ଗର୍ବିତ। 'ଆମେ ଭାରତୀୟମାନେ ଜୀବନ ନେଉଥିବା ଲୋକ ନୁହେଁ, ଆମେ ଜୀବନ ରକ୍ଷା କରୁଥିବା ଲୋକ।'

ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ କ୍ୟାପଟେନ ମଚ୍ଛାରଙ୍କ ମାଆ ଗୀତାଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ ସେ ତାଙ୍କ ପୁଅକୁ ଦୃଢ଼ ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ ସହିତ ପ୍ରତିପାଳିତ କରିଛନ୍ତି।

ଏଠାରେ ସ୍ମରଣଯୋଗ୍ୟ ଯେ ଭାରତୀୟ କ୍ୟାପଟେନ ସ୍ମିତ ମଚ୍ଛାର ସେପ୍ଟେମ୍ବର ୩୦ ତାରିଖରେ ଦୁବାଇ-ତେଲ୍ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇ ବିମାନ ଏଫଜେଡ୍ ୧୦୭୩ରେ ପ୍ରାୟ ୧୮୦ ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିଲେ। ସଙ୍କଟ ସମୟରେ, କ୍ୟାପଟେନ୍ ମଚ୍ଛାର୍ ଆହତ ହେବା ସତ୍ତ୍ୱେ ପରିସ୍ଥିତିକୁ ପରିଚାଳନା କରିବା ଏବଂ ଜାହାଜରେ ଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିଥିଲେ।

## ୧୬ ପର୍ଯ୍ୟନ୍ତ...

ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଘରୋଇ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।

ଜଳ ସଂରକ୍ଷଣକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନାଗରିକମାନଙ୍କୁ କେତେକ ସରଳ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ନଥିବା ସମୟରେ ଟ୍ୟାପ୍‌ବନ୍ଦ ରଖିବା, ଜଳ ଯୋଗାଣ ପାଇପ୍‌ରେ ଲିକେଜ୍‌ହେଲେ ତୁରନ୍ତ ମରାମତି କରିବା ଏବଂ ନଦୀ, ପୋଖରୀ, ନଳକୂପ ଆଦି ଜଳଉତ୍ସ ନିକଟରେ ଆବର୍ଜନା ନ ପକାଇବା ଏହି ପଦକ୍ଷେପଗୁଡ଼ିକର ଅନ୍ତର୍ଭୁକ୍ତ ।

ଏଥିସହ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା, ଘରର ଓଭର ହେଡ୍ ଜଳଟାଙ୍କି ଓ ଭୂତଳ ଜଳ ସଂରକ୍ଷଣ ଟାଙ୍କିକୁ ନିୟମିତ ସଫା କରିବା ଏବଂ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ । ଏହାଦ୍ୱାରା ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ ।

ଜଳ ଯୋଗାଣ ଆମର ଦାୟିତ୍ୱ, ଜଳ ସଂରକ୍ଷଣ ଆପଣଙ୍କ କର୍ତ୍ତବ୍ୟ—ଏହି ଅଭିଯାନର ମୂଳମନ୍ତ୍ର ଜଳ ସଂରକ୍ଷଣରେ ସରକାର ଓ ନାଗରିକଙ୍କ ସାମୂହିକ ଦାୟିତ୍ୱକୁ ପ୍ରତିଫଳିତ କରୁଛି। ନାଗରିକଙ୍କୁ ନିୟମିତ ଓ ନିରାପଦ ଜଳ ଯୋଗାଣ କରିବା ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାବେଳେ ଜଳର ଅପଚୟ ରୋକିବା ଓ ଏହାର ସୁବିନିଯୋଗ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ।

ଜଳ ଯୋଗାଣ ସମ୍ପର୍କିତ ସମସ୍ୟା ଓ ଅଭିଯୋଗର ଜନଶୁଣାଣି ତଥା ସମାଧାନ ପାଇଁ ନାଗରିକମାନେ ବିଭାଗର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୫୫୩୫୯ ଏବଂ ୧୮୦୦-୧୨୧୬-୮୩୩ ରେ ଯୋଗାଯୋଗ କରିପାରିବେ ।

ଏହି ଅବସରରେ ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ । ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ବିଳାସ ବେହେରା ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଓଡ଼ିଶା ସରକାରଙ୍କ ପକ୍ଷରୁ 'ସୁଜଳ' ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଜଳ ସଂରକ୍ଷଣକୁ ଜୀବନଶୈଳୀର ଅଂଶ କରିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦିଆଯାଇଛି । ଜଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ସ୍ୱଚ୍ଛତା ଓ ସାମୂହିକ ଜନସହଭାଗିତା ମାଧ୍ୟମରେ ଜନସ୍ୱାସ୍ଥ୍ୟର ସୁରକ୍ଷା ସହ ମୂଲ୍ୟବାନ ଜଳସମ୍ପଦର ସଂରକ୍ଷଣ କରିବା ଏବଂ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ସ୍ୱଚ୍ଛ, ସୁସ୍ଥ ଓ ସ୍ଥାୟୀ ସହର ଗଠନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ।

## ଯୁଦ୍ଧ ଉତ୍ତେଜନା ...

ଦୁଇଟି ବିମାନବାହୀ ଯୁଦ୍ଧପୋତ 'ୟୁଏସ୍ଏସ୍ ଜର୍ଜ ଏଚଡବ୍ଲ୍ୟୁ ବୁଶ୍' ଏବଂ 'ୟୁଏସ୍ଏସ୍ ଜର୍ଜ ୱାଶିଂଟନ୍' ମୁତୟନ ରହିଛି। ସାଧାରଣତଃ ପ୍ରଶାନ୍ତ ମହାସାଗରରେ ମୁତୟନ ହେଉଥିବା 'ୟୁଏସ୍ଏସ୍ ଜର୍ଜ ୱାଶିଂଟନ' ଦୀର୍ଘ ମୁତୟନ ପରେ 'ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ'ର ସ୍ଥାନ ନେବା ପାଇଁ ମଧ୍ୟପ୍ରାଚ୍ୟରେ ପହଞ୍ଚିଛି। ଏହି ନୂତନ ମୁତୟନ ଫଳରେ ଆମେରିକାର ନୌସେନା ଉପସ୍ଥିତି ଅସାଧାରଣ ଭାବେ ବୃଦ୍ଧି ପାଇ ୨୦,୦୦୦ରୁ ଅଧିକ ନୌସେନା ସହିତ ଶହ ଶହ ଯୁଦ୍ଧବିମାନ ପହଞ୍ଚିବ।

## ପ୍ରଧାନମନ୍ତ୍ରୀ ...

ଅଛି।ପୁଟିନ ତାଙ୍କ ଅଭିଭାଷଣରେ ବର୍ତ୍ତମାନର ବିଶ୍ୱ କ୍ରମରେ ହେଉଥିବା ଗଭୀର ପରିବର୍ତ୍ତନ ବିଷୟରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ବିଶ୍ୱ ରାଜନୀତି, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଜଳବାୟୁ, ଔଷଧ ଏବଂ କୃତ୍ରିମ ବୁଦ୍ଧିମତ୍ତା ସମେତ ଅନେକ କ୍ଷେତ୍ରରେ ପ୍ରମୁଖ ପରିବର୍ତ୍ତନ ଦେଇ ଗତି କରୁଛି। ତାଙ୍କ ଅନୁସାରେ ଏହି ପରିବର୍ତ୍ତନଗୁଡ଼ିକ ନୂଆ ସୁଯୋଗ ସହିତ ଗମ୍ଭୀର ବିପଦ ମଧ୍ୟ ଆଣୁଛି।

## ଦ୍ୱିତୀୟ ସପ୍ତାହରେ...

ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଦିଆଯାଇଛି। ଅପରପକ୍ଷେ ଉପରମୁଣ୍ଡରୁ ହୀରାକୁଦକୁ ବନ୍ୟାଜଳ ପ୍ରବେଶ କମିବା ହେତୁ ଖୋଲା ଯାଇଥିବା ୩୦ଟି ଫାଟକରୁ ୨୯ଟି ଫାଟକ ବନ୍ଦ କରି ଦିଆଯାଇଛି।

# ହିନ୍ଦୀରେ ଅନୁଦିତ ପୁସ୍ତକ 'କୋଶଳ ନାଟ୍ୟ ମହର୍ଷି: ଗୁରୁ ଭଗବାନ ସାହୁ' ଲୋକାର୍ପିତ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍.), ବୁର୍ଲା ସ୍ଥିତ ଜାଗୃତି ବିହାରରେ ଅନୁଷ୍ଠିତ ରାଜଭାଷା ପକ୍ଷ ୨୦୨୬ର ଉଦ୍‌ଯାପନୀ ଉତ୍ସବ ଅବସରରେ ଓଡ଼ିଶାର ସମୃଦ୍ଧ ନାଟ୍ୟ ଓ ସାଂସ୍କୃତିକ ପରମ୍ପରାକୁ ପ୍ରତିଫଳିତ କରୁଥିବା ପୁସ୍ତକ 'କୋଶଳ ନାଟ୍ୟ ମହର୍ଷି : ଗୁରୁ ଭଗବାନ ସାହୁ' ର ହିନ୍ଦୀ ଅନୁବାଦ ଲୋକାର୍ପିତ ହୋଇଯାଇଛି । ଏହି ପୁସ୍ତକଟିକୁ ଏମ୍.ସି.ଏଲ୍.ର ମୁଖ୍ୟ ସତର୍କତା ଅଧିକାରୀ ସମ୍ବିତ ସୌରଭ ନାୟକ, ସି.ଆର.ପି.ଏଫ୍., ସମ୍ବଲପୁର କେନ୍ଦ୍ରର ପୁଲିସ ଉପ-ମହାନିରୀକ୍ଷକ ବିଜୟ ଶଙ୍କର ପାଣ୍ଡେ, ଏମ୍.ସି.ଏଲ୍. ର ପ୍ରାକ୍ତନ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ଏବଂ ମହାପ୍ରବନ୍ଧକ (ରାଜଭାଷା) ସମୀର କୁମାର ଶାହା ପ୍ରମୁଖ ଗଣମାନ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ମୂଳ ପୁସ୍ତକର ଲେଖକ ରବିନ ଚନ୍ଦ୍ର ଦାସ (ଲୁଲୁ) ହୋଇଥିବାବେଳେ, ଏହାର ହିନ୍ଦୀ ଅନୁବାଦ ଏମ୍.ସି.ଏଲ୍.ର ଜନସଂପର୍କ ବିଭାଗରେ କାର୍ଯ୍ୟରତ ବରିଷ୍ଠ ଅନୁବାଦକ (ରାଜଭାଷା) ଡା. ଚିତ୍ତରଞ୍ଜନ ନାହାକଙ୍କ ଦ୍ୱାରା କରାଯାଇଛି । ପଶ୍ଚିମ ଓଡ଼ିଶାର ସମୃଦ୍ଧ ଲୋକନାଟ୍ୟ ପରମ୍ପରା, ଲୋକକଳା ଏବଂ ସାଂସ୍କୃତିକ ପରମ୍ପରା, ବିଶେଷକରି କୋଶଳୀ (ସମ୍ବଲପୁରୀ) ଭାଷା, ଲୋକନୃତ୍ୟ, ଶବ୍ଦ-ନୃତ୍ୟ ଏବଂ ରାତ୍ରି ନାଟକ ଦୁନିଆରେ ଯଦି କାହାର ନାମ ସର୍ବୋପରି ଭାବରେ ନିଆଯାଏ, ତେବେ ତାହା ହେଉଛି 'କୋଶଳ ନାଟ୍ୟ ମହର୍ଷି' ଗୁରୁ ଭଗବାନ ସାହୁ। ପ୍ରସ୍ତୁତ ପୁସ୍ତକ କେବଳ ଜଣେ ମହାନ ଲୋକ କଳାକାରଙ୍କ ଜୀବନ-ଗାଥା ନୁହେଁ, ବରଂ ପଶ୍ଚିମ ଓଡ଼ିଶାର ସମୃଦ୍ଧ ଲୋକକଳାଗୁଡ଼ିକର ସଂରକ୍ଷଣ, ସମ୍ବର୍ଦ୍ଧନ ଏବଂ ପ୍ରଚାର-ପ୍ରସାରର ଏକ ପ୍ରେରଣାଦାୟୀ ଯାତ୍ରା ମଧ୍ୟ ଅଟେ। ଏହା ନାଟ୍ୟ ଜଗତରେ ଗୁରୁ ଭଗବାନ ସାହୁଙ୍କ ଅବଦାନକୁ ହିନ୍ଦୀ ଭାଷାଭାଷୀ ପାଠକମାନଙ୍କ ନିକଟରେ ପହଞ୍ଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ପୁସ୍ତକର ହିନ୍ଦୀ ଅନୁବାଦ ଦ୍ୱାରା ଏହି ବିଶିଷ୍ଟ ସାଂସ୍କୃତିକ ପରମ୍ପରାକୁ ଏକ ବ୍ୟାପକ ପାଠକ ବର୍ଗ ନିକଟରେ ପହଞ୍ଚାଇବାରେ ସହାୟତା ମିଳିବ। ପୁସ୍ତକର ଏହି ଲୋକାର୍ପଣ ଉତ୍ସବ ରାଜଭାଷା ପକ୍ଷ ୨୦୨୬ର ଉଦ୍‌ଯାପନୀ ସମାରୋହର ଏକ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟିକ ଓ ସାଂସ୍କୃତିକ ଆକର୍ଷଣ ଥିଲା। ଏହି ପଦକ୍ଷେପ ହିନ୍ଦୀ ମାଧ୍ୟମରେ ଦେଶର ବିବିଧ ଭାଷାଗତ ଏବଂ ସାଂସ୍କୃତିକ ପରମ୍ପରାଗୁଡ଼ିକୁ ପରସ୍ପର ସହିତ ଯୋଡ଼ିବା ତଥା ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଓ ସାଂସ୍କୃତିକ ବିଭବକୁ ବ୍ୟାପକ ପାଠକ ବର୍ଗଙ୍କ ନିକଟରେ ପହଞ୍ଚାଇବା ଦିଗରେ ଏକ ସାର୍ଥକ ପ୍ରୟାସ ଅଟେ। ଉଲ୍ଲେଖନୀୟ ଯେ, ଡା. ଚିତ୍ତରଞ୍ଜନ ନାହାକ ଏମ୍.ସି.ଏଲ୍. ର ଜନସଂପର୍କ ବିଭାଗରେ ବରିଷ୍ଠ ଅନୁବାଦକ (ରାଜଭାଷା) ପଦରେ କାର୍ଯ୍ୟରତ ଅଛନ୍ତି ଏବଂ ଅନୁବାଦ କାର୍ଯ୍ୟରେ ସକ୍ରିୟ ଭାବରେ ଅବଦାନ ଯୋଗାଉଛନ୍ତି।

# କୋଟ୍ଟାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପରେ ସୁଡ଼ଙ୍ଗ ନମ୍ବର ୪୧-୪୧ଏର ଖନନ କାର୍ଯ୍ୟ ସଫଳତାର ସହ ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ କୋଟ୍ଟାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପରେ ବୋରା ଗୁହାଲୁ ଓ କରକାଭାଲାସା ଷ୍ଟେସନ ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ୪୧-୪୧ଏ ର ସଫଳ ବ୍ରେକଥ୍ରୁ (ଖନନ କାର୍ଯ୍ୟ ) ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଛି। ୧ ଅକ୍ଟୋବର ୨୦୨୬ରେ ଏହି ବ୍ରେକଥ୍ରୁ ଶତ ପ୍ରତିଶତ ଆଲାଇନମେଣ୍ଟ ସଠିକତା ସହ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏହା ଚାଲୁଥିବା ଦୋହରୀକରଣ ପ୍ରକଳ୍ପର ଅଗ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୋଟ ୮୨୯ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସୁଡ଼ଙ୍ଗକୁ ଅଶ୍ୱଖୁରା ଆକୃତିରେ ନିର୍ମାଣ କରାଯାଇଛି ଏବଂ ଏହାର ଆଲାଇନମେଣ୍ଟରେ ୮ ଡିଗ୍ରୀ ପର୍ଯ୍ୟନ୍ତ ବକ୍ରତା ରହିଛି। ବୋରା ଗୁହାଲୁ-କରକାଭାଲାସା ବ୍ଲକ୍ ସେକ୍ସନରେ ଏହି ସୁଡ଼ଙ୍ଗର ବ୍ରେକଥ୍ରୁ ସଫଳତାର ସହିତ ସମ୍ପନ୍ନ ହୋଇଛି। ସୁଡ଼ଙ୍ଗ ନମ୍ବର ୪୧-୪୧ଏର ସଫଳ ବ୍ରେକଥ୍ରୁ ଦୁର୍ଗମ ଭୂଖଣ୍ଡରେ ରେଳ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଇଞ୍ଜିନିୟରିଂ ସଫଳତା। ନିର୍ଦ୍ଧାରିତ ଆଲାଇନମେଣ୍ଟରେ ଶତ ପ୍ରତିଶତ ସଠିକତା ସହ ଏହି ବ୍ରେକଥ୍ରୁ ସମ୍ପନ୍ନ ହେବା କୋଟ୍ଟାଭାଲାସା-କୋରାପୁଟ



ଦୋହରୀକରଣ ପ୍ରକଳ୍ପର ଅଗ୍ରଗତିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସୁଡ଼ଙ୍ଗର ବ୍ରେକଥ୍ରୁ (ଖନନ କାର୍ଯ୍ୟ ) ସମ୍ପନ୍ନ ହେବା ଦୋହରୀକରଣ ପ୍ରକଳ୍ପର କ୍ରମାଗତ ବିକାଶରେ ସହାୟକ ହେବା ସହ କୋଟ୍ଟାଭାଲାସା-କୋରାପୁଟ ରେଳ ସେକ୍ସନରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହା ରେଳ ଲାଇନର କ୍ଷମତା ବୃଦ୍ଧି, ପରିଚାଳନାଗତ ଦକ୍ଷତାରେ ଉନ୍ନତି ଏବଂ ଏହି ଅଞ୍ଚଳରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନର ସୁଗମ ଚଳାଚଳରେ ସହାୟକ ହେବ।

# ଗାନ୍ଧୀ ଜୟନ୍ତୀ ଅବସରରେ ଏସ୍‌ବିଆଇର 'ସ୍ୱଚ୍ଛତା ଅଭିଯାନ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅବସରରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ), ଭୁବନେଶ୍ୱର ସର୍କଲ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ 'ସ୍ୱଚ୍ଛତା ଅଭିଯାନ' ଆୟୋଜନ କରାଯାଇଛି।

ଏହି ସ୍ୱଚ୍ଛତା ଅଭିଯାନ ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ଏବଂ କର୍ମଚାରୀମାନଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସ୍ୱଚ୍ଛତା, ପରିବେଶ ସ୍ଥିରତା ଏବଂ ଏକ ଡିଜିଟାଲ୍ ସଚେତନ ସମାଜ ପ୍ରତି ଏସବିଆଇର ପ୍ରତିବଦ୍ଧତାକୁ ଦୋହରାଇ ଏହି ଅଭିଯାନ ଓଡ଼ିଶାର ୨୧ଟି ଭିନ୍ନ ଭିନ୍ନ ପ୍ରମୁଖ ପାର୍କରେ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଏବଂ ନାଗରିକ ଦାୟିତ୍ୱବୋଧର ପରିକଳ୍ପନା ଅନୁଯାୟୀ ଅଂଶଗ୍ରହଣକାରୀମାନେ




ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

ଏହା ବ୍ୟତୀତ, ଏହି ଅଭିଯାନ ସମୟରେ ଏସବିଆଇ ପକ୍ଷରୁ 'ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ପାର୍କକୁ ଆସିଥିବା ସମସ୍ତ ପର୍ଯ୍ୟଟକ ଓ ଦର୍ଶନାର୍ଥୀମାନେ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ବ୍ୟାଙ୍କ ଏବଂ ଏହାର ଗ୍ରାହକମାନଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାର ସୁଯୋଗ ସୃଷ୍ଟି କରିଥିଲା। ଏହି ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ସମୟରେ, ପାର୍କକୁ ଆସିଥିବା ସମସ୍ତ ଦର୍ଶନାର୍ଥୀଙ୍କୁ ଏସବିଆଇର ଡିଜିଟାଲ୍ ବ୍ୟବସ୍ଥା ଯେପରିକି ୟୋନୋ, ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ଏବଂ ସାଇବର ସଚେତନତା ବିଷୟରେ ଅବଗତ କରାଯାଇଥିଲା। ଅଂଶଗ୍ରହଣ ପାଇଁ କୃତଜ୍ଞତା ସ୍ୱରୂପ ଦର୍ଶନାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ସ୍ୱଚ୍ଛତା ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ସହ ଗ୍ରାହକମାନଙ୍କ ସହ ଏସବିଆଇର ସମ୍ପର୍କକୁ ଅଧିକ ମଜବୁତ କରିଛି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରି କହିଥିଲେ ଯେ, ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ସାମୂହିକ ଦାୟିତ୍ୱ। ଏସବିଆଇ ଏହାର ଆଦର୍ଶ ବାକ୍ୟ 'ଡିଜିଟାଲ୍ ପ୍ରଥମ, ଗ୍ରାହକ ପ୍ରଥମ ଏବଂ ଦେଶ ସର୍ବଦା' ପ୍ରତି ସଦାସର୍ବଦା ପ୍ରତିବଦ୍ଧ ରହିବ। ଏହି କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସହ ଜଡ଼ିତ ସମାଜ ସେବା, ପରିବେଶ ସୁରକ୍ଷା ଏବଂ ଦେଶ ଗଠନ ମୂଳକ କାର୍ଯ୍ୟ ପ୍ରତି ଏସବିଆଇର ନିରନ୍ତର ସମର୍ପଣକୁ ପ୍ରତିଫଳିତ କରୁଛି।

# ସେବା ମନୋଭାବରେ ସମର୍ପିତ ହେବାକୁ ନର୍ସିଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଅନ୍ତର୍ଗତ ମରେଇଗାଁ ରେ 'ଶାଶ୍ୱତ ଫାଉଣ୍ଡେସନ' ଆନୁକୂଲ୍ୟରେ ସଦ୍ୟ ଖୋଲିଥିବା ନର୍ସିଂ ଶିକ୍ଷାନୁଷ୍ଠାନ 'ଉତ୍କଳୀୟ ଗ୍ଲୋବାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ' ପରିସରରେ ଅନୁଷ୍ଠିତ ପ୍ରବେଶିକା ପର୍ବରେ ନବାଗତ ଜି.ଏନ୍.ଏମ୍.ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି । ଏହି ଉପଲକ୍ଷେ ପ୍ରତିଷ୍ଠାନର ଅଧ୍ୟକ୍ଷ ଇଂ. ଶାଶ୍ୱତ ରଞ୍ଜନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱାଗତ ସମାରୋହ ରେ ମୁଖ୍ୟ ଅତିଥି ଭାବେ ହାଟଡିହି ମଣ୍ଡଳ ଉନ୍ନୟନ ଅଧିକାରୀ ରଂଜନ କୁମାର ପରିଡା ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶରତ କୁମାର ସେଠୀ ଯୋଗଦେଇ ନବାଗତ ନର୍ସିଂ ଛାତ୍ରଛାତ୍ରୀ ମାନଙ୍କୁ ସେବା ମନୋଭାବରେ ସମର୍ପିତ ଜୀବନ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଅନେକ ଅଭିଭାବକ ଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ପ୍ରିନ୍ସିପାଲ୍ ସାରିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ଶ୍ରେଣୀ ଶିକ୍ଷାଦାନର ଶୁଭାରମ୍ଭ କରିଥିଲେ । ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଆର୍ଥିକ ଦୁର୍ବଳ ବର୍ଗର ବିଦ୍ୟାର୍ଥୀ ମାନଙ୍କୁ ଉତ୍ତମ ନର୍ସିଂ ଶିକ୍ଷା ଲାଭର ସୁଯୋଗ ମିଳି ପାରିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅବନୀ ଚନ୍ଦ୍ର ଦାସ କହିଛନ୍ତି ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

**(1) ଷ୍ଟେସନ ଏବଂ ସ୍ଥାନ :** ଖୋର୍ଦ୍ଧା ରୋଡ୍-4 ଚକିଆ (ପୂର୍ବ ପ୍ରବେଶ ସାଇଡ୍) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1530 ଘଟିକା ।

**(2) ଷ୍ଟେସନ ଏବଂ ସ୍ଥାନ :** ନରଣପୁର-2 ଚକିଆ (ପ୍ଲାଟଫର୍ମ-1 ସାଇଡ୍) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1540 ଘଟିକା ।

**(3) ଷ୍ଟେସନ ଏବଂ ସ୍ଥାନ :** ନିରାକାରପୁର- 2 ଚକିଆ (ପ୍ଲାଟଫର୍ମ-4 ସାଇଡ୍) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1550 ଘଟିକା ।

**(4) ଷ୍ଟେସନ ଏବଂ ସ୍ଥାନ :** ବଡ଼ବନ୍ଧ (2 ଚକିଆ) (ପ୍ଲାଟଫର୍ମ-1 ନିକଟରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1600 ଘଟିକା ।

**(5) ଷ୍ଟେସନ ଏବଂ ସ୍ଥାନ :** ଭୂଷଣ୍ଡପୁର - 2 ଚକିଆ (ପମ୍ପ ହାଉସ୍ ପାଖରେ ପ୍ଲାଟଫର୍ମ -1A ସାଇଡ୍‌ରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1610 ଘଟିକା ।

**(6) ଷ୍ଟେସନ ଏବଂ ସ୍ଥାନ :** କଟକ - 2 ଚକିଆ (ରେଲୱେ ଇନ୍‌ଷ୍ଟିଚ୍ୟୁଟ୍ ପାଖରେ) ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 13.10.2026, 1620 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ **www.ireps.gov.in**ର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-476/R/26-27

ଭୁବନେଶ୍ୱର, ୩ ଅକ୍ଟୋବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## କିଟ୍ ଓ କିସ୍ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

# ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହୁଅନ୍ତୁ : ଅଚ୍ୟୁତ ସାମନ୍ତ





**ଭୁବନେଶ୍ୱର, ୨/୧୦ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ କିଟ୍ ଓ କିସ୍ ପକ୍ଷରୁ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କିସ୍ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସମେତ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଡ. ସାମନ୍ତ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଡ. ସାମନ୍ତ କହିଲେ, ଭାରତ ସମେତ ବାହାରେ ମଧ୍ୟ ଗାନ୍ଧୀଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଇଥାଏ। ମହାତ୍ମା ଗାନ୍ଧୀ ଜନଜାତିଙ୍କ ବିକାଶ ନିମନ୍ତେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା କିସ୍ ଜରିଆରେ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାମଧୂନ ଗାନ କରାଯାଇଥିଲା । ଶେଷରେ ପିଲାମାନଙ୍କୁ ଲଡୁ ବଣ୍ଟନ କରାଯାଇଥିଲା।

## ଦିବ୍ୟାଙ୍ଗ ଓ ବୟସ୍କ ଶ୍ରଦ୍ଧାଳୁଙ୍କ ପାଇଁ ଖୁସି ଖବର

# ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

**ପୁରୀ, ୨/୧୦ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତମାନଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉତ୍ତର ଦ୍ୱାରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଗୁମୁଟ ଠାରୁ କୂର୍ମ ବେଢ଼ା ପର୍ଯ୍ୟନ୍ତ ରାମ୍ପ ଏବଂ ରେଲିଂ ନିର୍ମାଣ ଇତିମଧ୍ୟରେ ସରିଛି । ଏହାସହ ଦିବ୍ୟାଙ୍ଗ ଏବଂ ବୟସାଧିକ୍ୟ ଶ୍ରଦ୍ଧାଳୁଙ୍କୁ ସହଯୋଗ କରିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ନିୟୋଜିତ ହେବେ। ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳୁଙ୍କୁ ନାଟମଣ୍ଡପ କିମ୍ବା ଜଗମୋହନ ପର୍ଯ୍ୟନ୍ତ ପହଞ୍ଚାଇବାରେ ସାହାଯ୍ୟ କରିବେ। ଏହି ସୁବିଧା ପାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏକ ଅନଲାଇନ୍ ତଥା ମୋବାଇଲ୍ ଆପ୍ଲିକେସନ୍ ପ୍ରସ୍ତୁତ କରୁଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ



ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ପରୀକ୍ଷାମୂଳକ ପର୍ଯ୍ୟାୟରେ ଅନଲାଇନ୍ ତଥା ମୋବାଇଲ ଆପ୍ଲିକେସନ୍ ଜରିଆରେ ବର୍ତ୍ତମାନ ପାଇଁ ଦୈନିକ ୫୦ ଜଣ ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତ ଏହି ସୁବିଧା ପାଇପାରିବେ। ଏଥିପାଇଁ ଭାରତୀୟ ରେଡକ୍ରସ ସୋସାଇଟି ଏବଂ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସ୍ୱେଚ୍ଛାସେବୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ବୋଲି ଓଡ଼ିଶାର ରାଜ୍ୟପାଳଙ୍କ ଅଧକ୍ଷତାରେ ଗଠିତ ଏକ ବୈଠକରେ ଆଲୋଚନା ହୋଇଛି । ଏଣୁ ଆବଶ୍ୟକୀୟ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଯୋଗାଇବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୁରୀ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ୍ ସୋସାଇଟି ଅଧକ୍ଷଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଯେଭଳି ସୁରୁଖୁରୁରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିପାରିବେ, ତାହା ଶ୍ରୀମନ୍ଦିର ପ୍ରଶାସନର ପ୍ରାଥମିକତା ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିଭଳି ୩୦ ସେପ୍ଟେମ୍ବର ଶୁଭ ମୁହୂର୍ତ୍ତରେ ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଛି। ଭକ୍ତମାନଙ୍କ ସୁବିଧା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସେଠାରେ ମଧ୍ୟ ଦିବ୍ୟାଙ୍ଗ ଏବଂ ବୟସ୍କ ଶ୍ରଦ୍ଧାଳୁଙ୍କ ପାଇଁ ନିଃଶୁଳ୍କ ଦର୍ଶନ ସହ ହ୍ୱିଲ୍ ଚେୟାର, ସ୍ୱେଚ୍ଛାସେବୀ ଓ ନାଟମଣ୍ଡପରେ ରାମ୍ପ ଇତ୍ୟାଦି ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି।

## ପୁଣି ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ

**ଭୁବନେଶ୍ୱର, ୦୨/୧୦ ନ୍ୟୁଜ ବ୍ୟୁରୋ**

ଶୀତ ଋତୁ ଆରମ୍ଭରୁ ଓଡ଼ିଶାକୁ ମିଳିଲା ଖୁସି ଖବର । ପୁଣି ଆରମ୍ଭ ହେଲା ଭୁବନେଶ୍ୱରରୁ ଅନ୍ତର୍ଜାତିକ ବିମାନ ସେବା। ଶୁକ୍ରବାର ଠାରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନବନ୍ଦରରୁ ବ୍ୟାଙ୍କକ୍‌କୁ ସିଧାସଳଖ ଉଡ଼ିଛି ବିମାନ । ଜୁଲାଇ ୧୮ରୁ ବନ୍ଦ ଥିବା ଏହି ରୁଟ୍ ପୁଣି ଖୋଲିବା ପରେ ଓଡ଼ିଶାର ଅନ୍ତର୍ଜାତିକ ବିମାନ ସଂଯୋଗକୁ ନେଇ ଆଶା ବଢ଼ିଛି। ଭୁବନେଶ୍ୱରରୁ ବ୍ୟାଙ୍କକ୍ ଯିବା ପାଇଁ ଟିକେଟ୍ ବୁକିଂ ଆରମ୍ଭ ହୋଇଛି । ଟିକେଟ୍ ଭଡ଼ା ପାଖାପାଖି ୧୬ ହଜାର ଟଙ୍କା ରହିଛି। ପ୍ରାଥମିକ ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସପ୍ତାହକୁ ଥରେ ଏହି ରୁଟ୍‌ରେ ବିମାନ ଚଳାଚଳ କରିବ । ପରେ ଏହାକୁ ସପ୍ତାହକୁ ଦୁଇଥର କରିବାର ଯୋଜନା ରହିଛି । ଶୁକ୍ରବାର ଭୁବନେଶ୍ୱରରୁ ବ୍ୟାଙ୍କକ୍ ଅଭିମୁଖେ ବିମାନ ଯିବାକୁ ଥିବା ବେଳେ ଶନିବାର ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ଫେରିବ ।

## ଟ୍ରାଫିକ୍ ନିୟମ ଭାଙ୍ଗିବା ଏବେ ଭାରି ପଡିବ

# ଚାଲାଣ ଟଙ୍କା ନଦେଲେ ଜବତ ହେବ ଗାଡି

**ନୂଆଦିଲ୍ଲୀ, ୨।୧୦**

ସୁପ୍ରିମକୋର୍ଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବକେୟା ଇ-ଚାଲାଣ ଆଦାୟ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ଚାଲାଣ ବାକି ଥିଲେ ଆଗକୁ ଜବତ ହୋଇପାରେ ଗାଡି। ଏପରିକି ଅନେକ ଜରୁରୀ ଯାନବାହାନ ସେବା ବନ୍ଦ ହୋଇଯିବ। ଏନେଇ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏହା ସହ କୋର୍ଟ ଟ୍ରାଫିକ ଜରିମାନା ନ ଦେବା ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଡ୍ରାଇଭିଂ ଲାଇସେନ୍ସର ନବୀକରଣ, ପଞ୍ଜୀକରଣ ଏବଂ ବକେୟା ଜରିମାନା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପ୍ରଦାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫିଟନେସ୍ ପ୍ରମାଣପତ୍ର ଏବଂ ମାଲିକାନା ଅଧିକାରର ହସ୍ତାନ୍ତର ମଧ୍ୟ ନିଷେଧ କରାଯିବ। ଏହା ବ୍ୟତୀତ, ଏପରି ଯାନଗୁଡ଼ିକୁ କେନ୍ଦ୍ରୀୟ



ପରିବହନ ପୋର୍ଟାଲରେ ବ୍ଲାକ ଲିଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଫଳରେ ଗାଡିର ବିକ୍ରୟ କିମ୍ବା ସ୍ଥାନାନ୍ତରକୁ ରୋକାଯାଇପାରିବ। ବିଚାରପତି ଜେବି ପାରଡିୱାଲା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଇ-ଚାଲାଣ ବକେୟା ଥିବା ଯାନଗୁଡ଼ିକୁ କେନ୍ଦ୍ରୀୟ ପରିବହନ ପୋର୍ଟାଲରେ ବ୍ଲାକଲିଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ସେମାନଙ୍କର ବିକ୍ରୟ କିମ୍ବା ସ୍ଥାନାନ୍ତରକୁ ରୋକାଯାଇପାରିବ। ସମସ୍ତ ଜରିମାନା ପୈଠ ନହେବା ପର୍ଯ୍ୟନ୍ତ କୌଣସି କେନ୍ଦ୍ରକୁ ପିୟୁସି ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମତି ଦିଆଯିବ ନାହିଁ। ଏହା ସହିତ ନିର୍ଦ୍ଦେଶ ଦିଆଯାଇଛି ଯେ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଡ୍ରାଇଭରମାନଙ୍କୁ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନବୀକରଣ କରିବାରୁ ବନ୍ଦ କରାଯିବ ଏବଂ ପୂର୍ବରୁ ଥିବା ଲାଇସେନ୍ସକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି, କେବଳ ଲକ୍ଷ ଲକ୍ଷ ଇ-ଚାଲାଣ ଜାରି କରିବା ଯଥେଷ୍ଟ ହେବ ନାହିଁ, ଜରିମାନା ଆଦାୟ କରିବାକୁ ହେବ। କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ପ୍ରାୟ ୪୯,୧୯୪ କୋଟି ଇ-ଚାଲାଣ ବାକି ଥିଲା, ଯାହା ମଧ୍ୟରୁ ୨୬,୧୭୫ କୋଟି ଟଙ୍କା ଆଦାୟ କରାଯାଇଛି। ଖଣ୍ଡପୀଠ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଅଧିକାରୀମାନେ ଭୂମିଗତ ବାସ୍ତବତା ଉପରେ ଆଧାର କରି କାର୍ଯ୍ୟ କରିବା ଉଚିତ। ବକେୟା ଦେୟ ଥିବା ଯାନଗୁଡ଼ିକ ପାଇଁ ଅନଲାଇନ୍ ସେବା ବନ୍ଦ କରାଯିବା ଉଚିତ। ପଞ୍ଜିକରଣ ନବୀକରଣ, ଡୁପ୍ଲିକେଟ୍ ପଞ୍ଜିକରଣ ଏବଂ ଠିକଣା ପରିବର୍ତ୍ତନ ପାଇଁ ଅନୁରୋଧକୁ ମଧ୍ୟ ଅଣଦେଖା କରାଯିବା ଉଚିତ। ଜରିମାନା ପୈଠ ନହେବା ପର୍ଯ୍ୟନ୍ତ ଫିଟନେସ୍ ପ୍ରମାଣପତ୍ର ଜାରି ନକରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# କିଟ୍ ଓ କିସ୍‌ର କାର୍ଯ୍ୟକୁ ଭୁଟାନ୍ ପ୍ରତିନିଧିମଣ୍ଡଳୀଙ୍କ ପ୍ରଶଂସା




**ଭୁବନେଶ୍ୱର, ୨।୧୦ ନ୍ୟୁଜ ବ୍ୟୁରୋ**

କେମ୍ବ୍ରିଜ୍ ଶିକ୍ଷା ଏକାଡେମିକ୍ ଇମରସନ୍ କାର୍ଯ୍ୟକ୍ରମ ପରିପେକ୍ଷୀରେ ୭ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଭୁଟାନର ୪୦ ଜଣିଆ ଶିକ୍ଷକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଭୁଟାନର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ସ୍କୁଲ ଏଜୁକେସନ ବିଭାଗର ଏକ ପ୍ରତିନିଧି ଦଳ 'ଇଣ୍ଡିଆ ଟ୍ରେକ୍' କାର୍ଯ୍ୟକ୍ରମରେ ଆସି କିଟ୍‌ରେ ରହୁଛନ୍ତି । ଏହି ଅବସରରେ ସେମାନେ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରତିକ୍ରିୟାରେ କହିଲେ, ବିଶ୍ୱରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଡ. ଅଚ୍ୟୁତ ସାମନ୍ତ ଅନ୍ୟତମ। କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର ହଜାର ଜନଜାତି ଶିଶୁଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଏକ ସାମାଜିକ ଆନ୍ଦୋଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କିସ୍ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଶାର ଆଲୋକ ହୋଇ ଉଭା ହୋଇଛି । ଡ. ଅଚ୍ୟୁତ ସାମନ୍ତଙ୍କ ଆଦର୍ଶ ବିଶେଷ କରି ଆର୍ଟ ଅଫ୍ ଗିଭିଂ ଦର୍ଶନରେ ସେମାନେ ବେଶ୍ ପ୍ରଭାବିତ ହୋଇଛନ୍ତି ବୋଲି କହିଥିଲେ। ଶୁକ୍ରବାର ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରି କହିଲେ, ଆଜି ଯାହା ବି ହୋଇଛି, ତାହା ସବୁ କେବଳ ଭଲ ପାଇବା ପାଇଁ ହିଁ ସମ୍ଭବ ହୋଇପାରିଛି। ଯଦି ଆପଣ ଭଲ ପାଇବା ବାଣ୍ଟି ପାରିବେ ତାହେଲେ ଜୀବନରେ ଶାନ୍ତି ପାଇପାରିବେ ବୋଲି ସେ କହିଥିଲେ। ଭୁଟାନର ଏହି ପ୍ରତିନିଧି ଦଳ ଓଡ଼ିଶାର କଳା, ସାହିତ୍ୟ ଓ ଭାସ୍କର୍ଯ୍ୟକୁ ବୁଲି ଦେଖିବା ସହ ଆମ ଇତିହାସ ବିଷୟରେ ଅଧିକ ଜାଣିବା ପାଇଁ ଖଣ୍ଡଗିରି, ଉଦୟଗିରି ସହ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିବାକୁ କିଟ୍ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୨/୧୦/୨୦୨୬
7,76,652/- ଟଙ୍କା
ସୁନା:- ୦୫ ଗ୍ରାମ୍ ୧୫୦ ମିଲିଗ୍ରାମ୍
ରୂପା:- ୫୯ଗ୍ରାମ୍୦୦୦ ମିଲିଗ୍ରାମ୍

## ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

# ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୦୨/୧୦ ନ୍ୟୁଜ ବ୍ୟୁରୋ**

ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମନ୍ତ୍ରୀ ଓ ବିଧାୟକ ଯୋଗଦେଇ ବାପୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା ଓ ରାମଧୁନ୍ ପରିବେଷଣ ମଧ୍ୟରେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା, ସ୍ୱାବଲମ୍ବନ ଓ ଗ୍ରାମ ସ୍ୱରାଜର ଆଦର୍ଶକୁ ସ୍ମରଣ କରାଯିବା ସହ ତାଙ୍କ ବିଚାରଧାରାକୁ ନିଜ ଜୀବନରେ ଆପଣେଇବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଆଜି 'ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜୟନ୍ତୀ। ଏହି ଅବସରରେ ମୁଁ ଏହି ମହାନ୍ ଯୁଗପୁରୁଷଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଆଜି ମଧ୍ୟ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ। ଏହି ଅବସରରେ ତାଙ୍କ ପ୍ରତି ଗଭୀର



ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଗାନ୍ଧୀଜୀ କେବଳ ଭାରତକୁ ସ୍ୱାଧୀନତା ଦେଇନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ନୂଆ ଦିଗଦର୍ଶନ ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କର ମୁଖ୍ୟ ସ୍ୱପ୍ନ ଥିଲା ସମାଜରେ ଶେଷ ଧାଡ଼ିରେ ଥିବା ବ୍ୟକ୍ତି କିଭଳି ଭାବରେ ସମ୍ପୂର୍ଣ୍ଣ ଭାବରେ ସେବା ପାଇପାରିବ। ଏଥି ସହିତ ସେ ସ୍ୱଚ୍ଛତା ଏବଂ ସ୍ୱଦେଶୀକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀଜୀଙ୍କର ଏହି ସବୁ ସ୍ୱପ୍ନକୁ ସାକାର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଯୋଜନାମାନ ଏବଂ ପଦକ୍ଷେପମାନ ନେଇଛନ୍ତି। ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ସ୍ୱଦେଶୀ ମନ୍ତ୍ର ଆଜି ଆତ୍ମନିର୍ଭର ଭାରତ ଗଢ଼ିବାରେ ସହାୟକ ହେଉଛି। ସମାଜର ଶେଷ ଧାଡ଼ିର ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ପାଇଁ ମୋଦୀଜୀ ଆରମ୍ଭ କରିଛନ୍ତି ଅନ୍ତ୍ୟୋଦୟ ଯୋଜନା। ଏହା ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ସଶକ୍ତ କରିବା ପାଇଁ ଜନକଲ୍ୟାଣକାରୀ ବିଭିନ୍ନ ପଦକ୍ଷେପମାନ ସେ ଗ୍ରହଣ କରି କାର୍ଯ୍ୟକାରୀ କରାଉଛନ୍ତି। ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଥିଲେ ସରଳ ଜୀବନ ଏବଂ ଉଚ୍ଚ ଚିନ୍ତାଧାରାର ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ। ତାଙ୍କର ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ବଳିଷ୍ଠ ନିଦର୍ଶନ। ନିଜର କର୍ମନିଷ୍ଠା ଏବଂ ନିସ୍ୱାର୍ଥପର ଦେଶସେବା ମାଧ୍ୟମରେ ସେ ସାରା ଦେଶକୁ ଅନୁପ୍ରାଣିତ କରିପାରିଥିଲେ। ତାଙ୍କର 'ଜୟ ଯବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଏବଂ ଶକ୍ତି ସଞ୍ଚାର ମଧ୍ୟ ଆଣିଦେଇଥିଲା। ଗାନ୍ଧୀଜୀଙ୍କର ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କର କର୍ମନିଷ୍ଠା ଓ ନିସ୍ୱାର୍ଥପର ଦେଶସେବାକୁ ଆଦର୍ଶ ରୂପେ ଗ୍ରହଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ କରିବା ଦିଗରେ ଆମର ଉଦ୍ୟମ ସର୍ବଦା ଜାରି ରହିବ।

# ରାତି ପାହିଲେ କପିଳେଶ୍ୱର ମନ୍ଦିରରେ ଷୋଳପୂଜା : ମିଳୁନି ଠାକୁରାଣୀଙ୍କ ୨ କୋଟିର ସୁନା ମୁକୁଟ

**ଭୁବନେଶ୍ୱର, ୦୨/୧୦ ନ୍ୟୁଜ ବ୍ୟୁରୋ**

କପିଳେଶ୍ୱର ମନ୍ଦିରରେ ବିଜେ ମା' କାଳିକାଦେବୀ ଠାକୁରାଣୀ । ପାର୍ବଣ ଆସନ୍ନପ୍ରାୟ । ସବୁ ଦେବୀ ପୀଠରେ ଷୋଡ଼ଷ ଦିନାତ୍ମକ ପର୍ବ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ହେଲେ ମା' କାଳିକା ଦେବୀଙ୍କ ଷୋଳପୂଜା ଅବସରରେ ଲାଗି ହେଉଥିବା ପ୍ରାୟ ୨ କୋଟି ଟଙ୍କା ମୂଲ୍ୟର ସୁନା ମୁକୁଟ ମିଳୁନି । ମନ୍ଦିର ପରିଚାଳନା ଭାର ଦେବୋତ୍ତର ବିଭାଗ ଅଧିକାରୀ ନେବା ଦିନ ଠାରୁ ଠାକୁରାଣୀଙ୍କ ଏହି ବହୁମୂଲ୍ୟ ମୁକୁଟ ଆଉ ଲାଗି ହେଉନାହିଁ। ଏ ସମ୍ପର୍କରେ କୌଣସି ସନ୍ତୋଷ ଜନକ ଉତ୍ତର ମନ୍ଦିର ନିର୍ବାହୀ ଅଧିକାରୀ କି ଦେବୋତ୍ତର ବିଭାଗ ପକ୍ଷରୁ ମିଳୁନାହିଁ। ମା' କାଳିକାଦେବୀଙ୍କୁ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ବିଶ୍ୱାସ କରନ୍ତି ଶ୍ରଦ୍ଧାଳୁଗଣ। ୨୦୦୩ ମସିହାରେ ଠାକୁରାଣୀଙ୍କ ଷୋଡ଼ଷ ପୂଜାରେ ଲାଗି ନିମନ୍ତେ ସୁନା ଓ ରୂପାର ଆଭୂଷଣ ନିର୍ମାଣ କରାଯାଇଥିଲା । ପ୍ରାୟ ୧୩୦ ଭରି (୧୪୩୦ ଗ୍ରାମ୍) ସୁନାର ମୁକୁଟ ଓ ପ୍ରାୟ ୩ କେଜି ଓଜନର ରୁପାରେ ମୁଣ୍ଡମାଳ ନିର୍ମାଣ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ନିର୍ମିତ ମା'ଙ୍କ ଏହି ଆଭୂଷଣ ବିଭିନ୍ନ ପର୍ବପର୍ବାଣିରେ ଠାକୁରାଣୀଙ୍କ ନିକଟରେ ଲାଗି ହେଉଥିଲା । ୨୦୧୩ରେ କପିଳେଶ୍ୱର ମନ୍ଦିର ପରିଚାଳନା ପାଇଁ ନୂଆ ସ୍କିମ ପ୍ରସ୍ତୁତ ହେଲା। ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ଇସ୍ତଫା ଦେଇ ମନ୍ଦିର ସମସ୍ତ କାଗଜପତ୍ର, ସମ୍ପତ୍ତି, ଅଳଙ୍କାର ଅନ୍ୟାନ୍ୟ ସାମଗ୍ରୀ ଦେବୋତ୍ତର ଜିଲ୍ଲା ନିରୀକ୍ଷକ ନିରୋଜ କିଶୋର ଛୋଟରାୟଙ୍କୁ ସେହିବର୍ଷ ମାର୍ଚ୍ଚ ମାସ ୧୩ ତାରିଖରେ ବିଧିବଦ୍ଧ ଭାବେ ହସ୍ତାନ୍ତର କଲେ । ହେଲେ ସେହିବର୍ଷ ଷୋଡ଼ପୂଜା ଅବସରରେ ଠାକୁରାଣୀଙ୍କୁ ଆଭୂଷଣ ଲାଗି ହେଲା ନାହିଁ। ଏହାର କାରଣ ସମ୍ପର୍କରେ ଶ୍ରୀଛୋଟରାୟଙ୍କୁ ପଚାରିବାରେ ସେ ଚୋରି ହୋଇଯିବା ଭୟରେ ସୁନା ମୁକୁଟକୁ ରବିଟକିଜ ରୋଡ଼ସ୍ଥିତ ଶ୍ରୀରାଧାବଲ୍ଲଭ ମଠର ଆଇରନ୍ ଚେଷ୍ଟରେ ରଖିଛନ୍ତି ବୋଲି କହିଥିଲେ । ସେହିଦିନ ଠାରୁ ଠାକୁରାଣୀଙ୍କ ଏହି ବହୁମୂଲ୍ୟ ମୁକୁଟ ଆଉ ପଦାକୁ ବାହାରିନାହିଁ । ଇତିମଧ୍ୟରେ ମନ୍ଦିର କାଗଜାତ ଓ ଜିନିଷପତ୍ର ଗ୍ରହଣ କରିଥିବା ଶ୍ରୀ ଛୋଟରାୟ ୨୦୧୫ରୁ ଅବସର ଗ୍ରହଣ କରି ସାରିଲେଣି । ପ୍ରତିବର୍ଷ ପାର୍ବଣରେ ଅଳଙ୍କାର ଖୋଜା ହେଉଛି । କିନ୍ତୁ ମିଳୁନି। ମନ୍ଦିର ନିର୍ବାହୀ ଅଧିକାରୀ ଓ ଦେବୋତ୍ତର ବିଭାଗକୁ ପଚାରିଲେ ଭିନ୍ନ ଭିନ୍ନ ଉତ୍ତର ମିଳୁଛି । କିଏ କହୁଛି ସରକାରଙ୍କ ଟ୍ରେଜେରିରେ ଦାଖଲ କରାଯାଇଛି ତ ଆଉ କିଏ ମଠରେ ସୁନା ମକୁଟ ସୁରକ୍ଷିତ ଅଛି ବୋଲି କହୁଛନ୍ତି । ୨୦୧୩ରେ କାର୍ଯ୍ୟରୁ ଅବ୍ୟାହତି ନେଇ ଦେବୋତ୍ତର ନିରୀକ୍ଷକଙ୍କୁ ମୁକୁଟ ହସ୍ତାନ୍ତର କରିଥିବା ତତ୍କାଳୀନ ମ୍ୟାନେଜିଂ ଟ୍ରଷ୍ଟି ହରିହର ମଲିଆ କହିଛନ୍ତି ୨ କୋଟିରୁ ଅଧିକ ମୂଲ୍ୟର ଅଳଙ୍କାରର ଠିକଣା ନ ମିଳିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଦେବୋତ୍ତର ବିଭାଗ ଯଦି ଉକ୍ତ ଆଭୂଷଣ ସୁରକ୍ଷିତ ସ୍ଥାନରେ ରଖିଛନ୍ତି ତେବେ ଷୋଳପୂଜାରେ ଠାକୁରାଣୀଙ୍କୁ ଲାଗି କରି ଭକ୍ତ ତଥା ଗ୍ରାମବାସୀଙ୍କ ସନ୍ଦେହ ଦୂର କରନ୍ତୁ । ମୁକୁଟ ଦେଖିଲେ ଏହାକୁ କେନ୍ଦ୍ର କରି ଗ୍ରାମରେ ଲାଗିରହିଥିବା ଘୋର ଅସନ୍ତୋଷ ପ୍ରଶମିତ ହେବ ।

## ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬

ବଜାରରେ ଉପଲବ୍ଧ ...




### ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

**ସ୍ମରଣୀୟ କଥା :** ସୁଜାତା ମହାପାତ୍ର
**ସମକାଳର କଥା :** କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ନିଗ୍ଧା ନାୟକ, ଲିପ୍‌ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ ଏବଂ ଚିତ୍ତରଞ୍ଜନ ମହାନ୍ତି।
**ଅନ୍ୟଭାଷାର କଥା :** ଅନୁରୂପା ସିଂ, କନକମଞ୍ଜରୀ ସାହୁ।
**ସାକ୍ଷାତକାର:** ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
**ନୂଆ ଗପ ବହି :** ରଜତକରଙ୍କ ଅଳ୍ପଦିନର ଗଳ୍ପ
**ସମୀକ୍ଷା :** ମାନିନୀ ମିଶ୍ର
**ଯୁବମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
**କଥା ସାଗର :** ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
**ଭାଷାନ୍ତର :** ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୮୦/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

## ନୟାପଲ୍ଲୀରେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ଘଟଣା

# ମହିଳା କମିଶନ ଟିମ୍‌ର ସରଜମିନ ଯାଞ୍ଚ : ଡିସିପିଙ୍କୁ ରିପୋର୍ଟ ତଲବ

**ଭୁବନେଶ୍ୱର, ୦୨/୧୦ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଧୀନ ଗଡ଼ସାହିରେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ ଅଭିଯୋଗ ଘଟଣାରେ ତଦନ୍ତ ଜୋରଦାର ହୋଇଛି । ଘଟଣାସ୍ଥଳରେ ମହିଳା କମିଶନଙ୍କ ଟିମ୍ ପହଞ୍ଚି ସରଜମିନ ଯାଞ୍ଚ କରିଛି। ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ନୟାପଲ୍ଲୀ ଥାନାକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ନେଇଛନ୍ତି। ଏଥିସହ ମାମଲାରେ ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି ମହିଳା କମିଶନ । ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୋଗ ଅନୁଯାୟୀ, ନୂଆପଲ୍ଲୀ ଥାନା ଅଧୀନ ଗଡ଼ସାହିରେ ସନ୍ଧ୍ୟା ବେଳେ ଜଣେ ଯୁବତୀଙ୍କ ରୁମ୍ ଭିତରେ ପଶି ବନ୍ଧୁକ ଦେଖାଇ ଜଣେ ଦୁର୍ବୃତ୍ତ ଦୁଷ୍କର୍ମ କରିଛି। ପରେ ଅଭିଯୁକ୍ତ ଯୁବତୀଙ୍କୁ ଆକ୍ରମଣ କରି ଫେରାର ହୋଇଥିବା ଅଭିଯୋଗ ହୋଇଛି । ପରିବାର ଲୋକଙ୍କ ସୂଚନା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ହସ୍ପିଟାଲ ପଠାଇଥିଲା। ପୀଡ଼ିତା ଯୁବତୀ ଜଣକ ବଡ଼ଭଉଣୀ (ବିବାହିତ)ଙ୍କ ସହ ନୂଆପଲ୍ଲୀ ଗଡ଼ସାହିରେ ଭଡାରେ ରହୁଛନ୍ତି । ପୀଡ଼ିତା ଏକ ଟେଲିକମ୍ ସଂସ୍ଥାରେ ଚାକିରି କରୁଥିବା ବେଳେ ତାଙ୍କ ବଡ଼ ଭଉଣୀ ଫିଜିଓଥେରାପିଷ୍ଟ ଅଛନ୍ତି। ପୀଡ଼ିତାଙ୍କ ଭିଣୋଇ ବେଳେ ବେଳେ ଏଠାକୁ ଆସନ୍ତି । ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପୀଡ଼ିତାଙ୍କ ଭଉଣୀ ଘରେ ନ ଥିଲେ । ରାତି ୯ଟା ସୁଦ୍ଧା ସେ ଫେରି ଆସିବେ ବୋଲି କହିଥିଲେ । ପୀଡ଼ିତା ଜଣକ ଘର ଗ୍ରୀଲ୍, ମୁଖ୍ୟ କବାଟକୁ ଲକ୍ ନ କରି ଆଉଜେଇ ଦେଇ ବେଡ୍ ରୁମ୍ ଭିତରେ ଲାପଟପ୍‌ରେ କାମ କରୁଥିଲେ। ଏହାର ସୁଯୋଗ ନେଇ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଘରର କବାଟ ଖୋଲି ଅଚାନକ ଭିତରକୁ ପଶି ଆସିଥିଲା। ଯୁବତୀ କିଛି ବୁଝିବା ଆଗରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦେଇଥିଲା । ଲାଇଟ୍ ବନ୍ଦ କରି ୧୫ରୁ ୨୦ ମିନିଟ୍ ଧରି ଚଳାଇଥିଲେ ବର୍ବର ଓ ନାରକୀୟ କାଣ୍ଡ। ଯୁବତୀ ଜଣକ ଭୟଭୀତ ହୋଇ ପାଟି ଖୋଲିପାରି ନଥିଲେ । ଉପର ମହଲାରେ ଓ ପାଖରେ ପଡ଼ୋଶୀ ରହୁଥିଲେ ବି ବନ୍ଧୁକ ଭୟରେ ପୀଡ଼ିତା ଜଣକ କାହାରିକୁ ଡାକିପାରି ନଥିଲେ । ପରେ ଅଭିଯୁକ୍ତ ଜଣକ ଯୁବତୀଙ୍କୁ ବାନ୍ଧି ବାହାର ପଟୁ କବାଟ ଦେଇ ଅତି ସହଜରେ ଫେରାର ହୋଇଯାଇଥିଲା । ଯୁବତୀ ରହୁଥିବା ଘର ନୂଆପଲ୍ଲୀ ଥାନାଠାରୁ ମାତ୍ର ଏକ କିଲୋମିଟର ଦୂର ହେବ। ଏଭଳି ଘଟଣାରେ ଯୁବତୀ ଜଣଙ୍କ ହତବାକ ହୋଇଯାଇଥିଲେ। କ'ଣ କରିବେ କିଛି ଜାଣି ପାରିନଥିଲେ । ଏମିତିକି ନିଜ ଭଉଣୀଙ୍କୁ ବି ଫୋନ୍ କରିପାରି ନଥିଲେ। ତେବେ କିଛି ସମୟ ପରେ ତାଙ୍କ ଭଉଣୀ ଘରକୁ ଫେରିଥିଲେ । ଆଉ ଦେଖିଥିଲେ ରୁମ୍ କବାଟ ବାହାର ପଟୁ ଦିଆହୋଇଛି । କବାଟ ଖୋଲି ଘର ଭିତରକୁ ଗଲା ପରେ ପୀଡ଼ିତା ଭଉଣୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଭଉଣୀଙ୍କୁ ଦେଖିବା ପରେ ତାଙ୍କର ସାହସ ଆସିଥିଲା । ସେ ତାଙ୍କୁ ଜଣାଇବା ସହିତ ଭୁବନେଶ୍ୱରରେ ରହୁଥିବା ତାଙ୍କ ଭାଇକୁ ଘଟଣା ବିଷୟରେ ଜଣାଇଥିଲେ । ଭାଇ ଆସିବା ପରେ ସେ ନୟାପଲ୍ଲୀ ଥାନା ପୁଲିସ୍‌କୁ ଫୋନ୍ କରିଥିଲେ । ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ପୀଡ଼ିତାଙ୍କୁ ହସ୍ପିଟାଲ୍ ପଠାଇଥିଲା। ତା'ପରେ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ପୀଡ଼ିତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲା । ଘଟଣା ଘଟିବା ସମୟରେ କ'ଣ ପାଇଁ ପୀଡ଼ିତା ଚିତ୍କାର କରି ପଡ଼ୋଶୀଙ୍କୁ ଡାକି ନଥିଲେ ବୋଲି ପୁଲିସ୍ ପ୍ରଶ୍ନ କରିଥିଲା । ଯୁବତୀ ଜଣକ ଡରିଯାଇଥିବା ନେଇ ପୁଲିସ୍‌କୁ କହିଥିଲେ । ରାତି ୮ଟାରୁ ଭୋର ୪ଟା ପର୍ଯ୍ୟନ୍ତ ପୁଲିସ୍ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା । ତେବେ ଏହି ସମୟରେ ଜଣାପଡ଼ିଥିଲା ଅଭିଯୁକ୍ତ ଜଣଙ୍କ କାଣ୍ଡ ଘଟାଇବା ପରେ ଆମ ବସ୍‌ରେ ଚଢ଼ି ସିଆରପି ଆଡ଼କୁ ଯାଉଛି । ପୁଲିସ୍ ଟାୱାର ଡମ୍ପ୍ ମାଧ୍ୟମରେ ଅଭିଯୁକ୍ତର ଫୋନ୍ ନମ୍ବର ପାଇଛି । ଉକ୍ତ ମୋବାଇଲ୍ ନମ୍ବର ବାରମ୍ବାର ବନ୍ଦ କରି ଲୋକେସନ୍ ବଦଳାଉଥିବାରୁ ପୁଲିସ୍ ପାଇଁ ସମସ୍ୟା ହେଉଛି । ତା'କୁ ଧରିବା ପାଇଁ ୩ଟି ଟିମ୍ ଗଠନ ହୋଇଛି । ଗୁରୁବାର ସକାଳେ ସାଇଣ୍ଟିଫିକ୍ ଟିମ୍ ତାଙ୍କ ରୁମକୁ ଯାଇଥିଲା । ସେଠାରୁ ତଥ୍ୟ ପ୍ରମାଣ ଯୋଗାଡ଼ କରିଛି । ଡିସିପି ଡା. ଶ୍ରବଣ ବିବେକ କହିଛନ୍ତି, ଘଟଣା ସମ୍ପର୍କରେ ଖବର ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲ୍ ନେଇଥିଲା । ଏହା ଅତ୍ୟନ୍ତ ଜଘନ୍ୟ କାଣ୍ଡ ବୋଲି ଜଣାପଡ଼ିଛି। ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ପୀଡ଼ିତାଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି ତାହାର ମଧ୍ୟ ତଦନ୍ତ ଚାଲିଛି । ପୀଡ଼ିତାଙ୍କ ହାତ ଗୋଡ଼ ବାନ୍ଧିବା ଘଟଣା ବିଷୟରେ ତାଙ୍କ ଅଭିଯୋଗରେ ନାହିଁ । ଘଟଣାକୁ ଗମ୍ଭୀରତାର ସହ ନିଆଯାଇ ତଦନ୍ତ କରାଯାଉଛି ।